# ଏକକ ୫: ସାମାଜିକ ଓ ରାଜନୈତିକ ଜୀବନ ରାଜନୀତି ବିଜ୍ଞାନ/ଅର୍ଥନୀତି/ସମାଜ ବିଜ୍ଞାନର ଏକ ସମନ୍ୱିତ ବିଷୟ

**ସଂରଚନା**


୫.୦ ଉପକ୍ରମ

୫.୧ ଶିକ୍ଷଣ ଉଦ୍ଦେଶ୍ୟ

୫.୨. ପ୍ରାରମ୍ଭିକ ସ୍ତରରେ ସାମାଜିକ ବିଜ୍ଞାନରେ ସାମାଜିକ ଓ ରାଜନୈତିକ ଜୀବନର ବିଷୟବସ୍ତୁ ସମୂହ

୫.୩. ରାଜନୀତି ବିଜ୍ଞାନ, ଅର୍ଥନୀତି ଓ ସମାଜ ବିଜ୍ଞାନରେ ସମାଜବିଜ୍ଞାନୀମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦ୍ଧତି/ପନ୍ଥା ସମୂହ

୫.୪. ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଅଂଶ ଭାବରେ ସାମାଜିକ ଓ ରାଜନୈତିକ ଜୀବନର ଗୁରୁତ୍ୱ

୫.୫. ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ସାମାଜିକ ଓ ରାଜନୈତିକ ଜୀବନ ଆଭିମୁଖ୍ୟର ଶିକ୍ଷାଦାନ ପାଇଁ ପାଠ୍ୟଯୋଜନା ପ୍ରସ୍ତୁତ କରିବା

୫.୬. ସାରାଂଶ

୫.୭ ଶବ୍ଦାବଳୀ/ସଂକ୍ଷିପ୍ତ ରୂପ

୫.୮ ନିଜ ଅଗ୍ରଗତି ଆକଳନର ଆଦର୍ଶ ଉତ୍ତର

୫.୯. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୪.୧୦. ପାଠାନ୍ତ ପ୍ରଶ୍ନାବଳୀ


## ୫.୦ ଉପକ୍ରମ

ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ମୌଳିକତଃ ତିନିଟି କେନ୍ଦ୍ରୀୟ ଉପାଦାନ ଯଥା- 'ଇତିହାସ', 'ଭୂଗୋଳ' ଏବଂ 'ସାମାଜିକ ଓ ରାଜନୈତିକ ଜୀବନ' ସାମିଲ କରିଥାଏ । ଏହି ଭାଗର ଦୁଇଟି ଏକକ (ଏକକ-୩ ଓ ଏକକ-୪)ରେ ତୁମେ ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର କେନ୍ଦ୍ରୀୟ ବିଷୟ ଭାବେ ଇତିହାସ ଓ ଭୂଗୋଳ ବିଷୟରେ କିଛିକିଛି ଶିକ୍ଷାଲାଭ କରିଛ । ଏହି ଏକକରେ ତୁମେ ଉଚ୍ଚ ପ୍ରାଥମିକ ସ୍ତରର ପାଠ୍ୟକ୍ରମରେ କେନ୍ଦ୍ରୀୟ ବିଷୟ ଭାବରେ ସାମାଜିକ ଓ ରାଜନୈତିକ ଜୀବନ ବିଷୟରେ ଶିକ୍ଷାଲାଭ କରିବ । ଏହି ଏକକ ତୁମକୁ ମୁଖ୍ୟତଃ ଏହିସବୁ ବିନ୍ଦୁ ଯଥା- ପ୍ରାରମ୍ଭିକ ସ୍ତରରେ ସାମାଜିକ ବିଜ୍ଞାନର ସାମାଜିକ ଓ ରାଜନୈତିକ ଜୀବନର ବିଷୟବସ୍ତୁ; ରାଜନୀତି ବିଜ୍ଞାନ, ଅର୍ଥନୀତି ଏବଂ ସମାଜ ବିଜ୍ଞାନରେ ସମାଜବିଜ୍ଞାନୀମାନେ ଗ୍ରହଣ କରିଥିବା ପଦ୍ଧତି ଓ ପ୍ରଣାଳୀ; ସାମାଜିକ ବିଜ୍ଞାନ ଓ ରାଜନୈତିକ ଜୀବନର ଗୁରୁତ୍ୱ ବିଷୟରେ ପରିଚିତ କରାଇବ ।

ଏହି ଏକକରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଏକ ଅଂଶ ଭାବରେ ବ୍ୟବହୃତ ଛବି ତପନ କୁମାର ବସନ୍ତିଆ (୨୦୦୬)ଙ୍କ ପିଏଚ୍‌ଡି ଥେସିସ୍‌ରୁ ନିଆଯାଇଛି; ଏବଂ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ସାମାଜିକ ଓ ରାଜନୈତିକ ଜୀବନ ଆଭିମୁଖ୍ୟର ଶିକ୍ଷାଦାନ ପାଇଁ ପାଠଯୋଜନା ପ୍ରସ୍ତୁତ କରାଯାଇଛି । ଏହି ଏକକରେ ସାମାଜିକ ବିଜ୍ଞାନର ଏକ ସମନ୍ୱିତ ଶିକ୍ଷଣ କ୍ଷେତ୍ର ଭାବରେ ସାମାଜିକ ଓ ରାଜନୈତିକ ଜୀବନକୁ ଉପସ୍ଥାପନ କରିବା ନିମନ୍ତେ ତତ୍ତ୍ୱଗତ ଆଲୋଚନା ସମେତ ଅନୁକୃତ ପ୍ରକଳ୍ପ ଆଧାରିତ ଅଭିଜ୍ଞତାର ଅବତାରଣା ମଧ୍ୟ କରାଯାଇଛି ।

ଟିପ୍ପଣୀ

## ୫.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ଅଧ୍ୟୟନ କରିବା ପରେ ତୁମେ ଜାଣିବାକୁ ସକ୍ଷମ ହେବ:

-ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଇତିହାସ ଓ ଭୂଗୋଳ ଅଂଶ ଓ ସାମାଜିକ ଓ ରାଜନୈତିକ ଜୀବନ ଅଂଶ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବା

-ରାଜନୀତି ବିଜ୍ଞାନ/ଅର୍ଥନୀତି/ସମାଜବିଜ୍ଞାନର ଏକ ଅବିଚ୍ଛେଦ୍ୟ ଅଂଶ ଭାବରେ ସାମାଜିକ ଓ ରାଜନୈତିକ ଜୀବନର ଯଥାର୍ଥତା ପ୍ରତିପାଦନ କରିବା

-ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସାମାଜିକ ଓ ରାଜନୈତିକ ଜୀବନର ବିଷୟବସ୍ତୁ ଚିହ୍ନଟ କରିବା

-ସମାଜବିଜ୍ଞାନୀମାନେ ରାଜନୀତି ବିଜ୍ଞାନ, ଅର୍ଥନୀତି ଏବଂ ସମାଜ ବିଜ୍ଞାନକୁ ବୁଝିବା ପାଇଁ ଗ୍ରହଣ କରିଥିବା ପଦ୍ଧତି ଓ ପନ୍ଥାଗୁଡ଼ିକୁ ବର୍ଣ୍ଣନା କରିବା

-ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସାମାଜିକ ଓ ରାଜନୈତିକ ଜୀବନକୁ ଏକ ଅଂଶ ଭାବରେ ସାମିଲ କରାଯିବାର ମହତ୍ୱକୁ ପ୍ରତିପାଦିତ କରିବା

-ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସାମାଜିକ ଓ ରାଜନୈତିକ ଜୀବନ ଶିକ୍ଷଣର ଶୈକ୍ଷିକ ସିଦ୍ଧାନ୍ତ/ନିୟମାବଳୀକୁ ବ୍ୟାଖ୍ୟା କରିବା

-ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସାମାଜିକ ଓ ରାଜନୈତିକ ଜୀବନ ଶିକ୍ଷାଦାନ ପାଇଁ ପାଠଯୋଜନା ପ୍ରସ୍ତୁତ କରିବା ।

## ୫.୨. ପ୍ରାରମ୍ଭିକ ସ୍ତରରେ ସାମାଜିକ ବିଜ୍ଞାନରେ ସାମାଜିକ ଓ ରାଜନୈତିକ ଜୀବନର ବିଷୟବସ୍ତୁ

ସାମାଜିକ ବିଜ୍ଞାନ ଶିକ୍ଷା ମାନବଜାତି ପରି ପୁରାତନ । ପୁରାତନ ସମାଜରେ ସାମାଜିକ ବିଜ୍ଞାନର କୌଣସି ଆନୁଷ୍ଠାନିକ ଓ ବ୍ୟବସ୍ଥିତ ଶିକ୍ଷଣ ପଦ୍ଧତି ନଥିଲା । ସାମାଜିକ ବିଜ୍ଞାନ ଶିକ୍ଷଣ ଅଣଆନୁଷ୍ଠାନିକ, ବ୍ୟକ୍ତିଗତ ଏବଂ ସ୍ୱେଚ୍ଛାକୃତ ଥିଲା । କିନ୍ତୁ ସମସାମୟିକ ବିଶ୍ୱରେ ସାମାଜିକ ବିଜ୍ଞାନର ଶିକ୍ଷଣ ସାମାଜିକ ବ୍ୟବସ୍ଥାର ଜଟିଳତା, ଜ୍ଞାନର ବିକାଶ, ବହୁମୁଖୀ ଆବଶ୍ୟକତା ଓ ଚାହିଦା ଇତ୍ୟାଦି କାରଣରୁ ଅଧିକରୁ ଅଧିକ ଆନୁଷ୍ଠାନିକ ଓ ସଂଗଠିତ ହୋଇଛି । ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ଆମ ବିଦ୍ୟାଳୟ ପାଠ୍ୟକ୍ରମରେ ପରିବେଶ ଅଧ୍ୟୟନ ଆକାରରେ ସାମିଲ କରାଯାଇଛି ଏବଂ ଉଚ୍ଚ ପ୍ରାଥମିକ ସ୍ତରରେ ବିଦ୍ୟାଳୟ ପାଠ୍ୟକ୍ରମରେ ଏହାକୁ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ଭାବରେ ସାମିଲ କରାଯାଇଛି ।

ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ତିନିଟି ଶିକ୍ଷଣ କ୍ଷେତ୍ର ଯଥା- 'ଇତିହାସ', 'ଭୂଗୋଳ' ଓ 'ସାମାଜିକ ଓ ରାଜନୈତିକ ଜୀବନ' ସାମିଲ କରିଛି ।

### ୫.୨.୧ ସାମାଜିକ ଓ ରାଜନୈତିକ ଜୀବନ-ପ୍ରାରମ୍ଭିକ ସ୍ତରରେ ସାମାଜିକ ବିଜ୍ଞାନର ଏକ ଅଂଶ

ପ୍ରାରମ୍ଭିକ ସ୍ତର (ବିଶେଷକରି ଉଚ୍ଚ ପ୍ରାଥମିକ ସ୍ତର)ରେ ସାମାଜିକ ବିଜ୍ଞାନକୁ ଆନୁଷ୍ଠାନିକ ବିଦ୍ୟାଳୟ ବିଷୟ ଯଥା-ଭାଷା, ଗଣିତ ଇତ୍ୟାଦି ପରି ଶିକ୍ଷାଦାନ କରାଯାଏ । ଉଚ୍ଚ ପ୍ରାଥମିକ ସ୍ତରରେ ମୁଖ୍ୟ ଶିକ୍ଷଣ ବିଷୟ ଯଥା- 'ଇତିହାସ', 'ଭୂଗୋଳ' ଓ 'ସାମାଜିକ ଓ ରାଜନୈତିକ ଜୀବନ'ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସାମିଲ । ଯେହେତୁ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀକୁ ନେଇ ଉଚ୍ଚ ପ୍ରାଥମିକ ସ୍ତର ଗଠିତ, ସେହିକାରଣରୁ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ଆବଣ୍ଟିତ । ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ବିଭିନ୍ନ ଗ୍ରେଡ୍ ଓ ବିଷୟର ସମ୍ବନ୍ଧକୁ ଗୁରୁତ୍ୱ ପ୍ରଦାନ କରି ପ୍ରସ୍ତୁତ କରାଯାଇଥାଏ । ଅନ୍ୟ ଅର୍ଥରେ କହିଲେ, ଉଚ୍ଚ ପ୍ରାଥମିକ ସ୍ତରର ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ବିଭିନ୍ନ ବିଷୟ (ଇତିହାସ, ଭୂଗୋଳ, ସାମାଜିକ ଓ ରାଜନୈତିକ ଜୀବନ) ତଥା ବିଭିନ୍ନ ଗ୍ରେଡ୍/ଶ୍ରେଣୀ (ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ)କୁ ସମନ୍ୱିତ କରି ପ୍ରସ୍ତୁତ ହୋଇଛି ।

**ଉଚ୍ଚ ପ୍ରାଥମିକ ସ୍ତରରେ ଇତିହାସ ଶିକ୍ଷଣ:** ଇତିହାସ ଶିକ୍ଷଣ ସମୟାନୁସାରେ ଭାରତର ବିଭିନ୍ନ ଭାଗରେ ଏବଂ ପୃଥିବୀର ବିଭିନ୍ନ ଭାଗରେ ହୋଇଥିବା ବିକାଶ ସହ ଶିକ୍ଷାର୍ଥୀଙ୍କୁ ପରିଚିତ କରାଏ ।

**ଉଚ୍ଚ ପ୍ରାଥମିକ ସ୍ତରରେ ଭୂଗୋଳ ଶିକ୍ଷଣ:** ଭୂଗୋଳ ଶିକ୍ଷଣ ଶିକ୍ଷାର୍ଥୀଙ୍କୁ ସ୍ଥାନ ସମ୍ବନ୍ଧ (ସ୍ଥାନୀୟରୁ ଆରମ୍ଭ କରି ବିଶ୍ୱ ସ୍ତର

ପର୍ଯ୍ୟନ୍ତ)ରେ ପ୍ରକୃତି, ପରିବେଶ, ସମ୍ବଳ, ପଦାର୍ଥ ଇତ୍ୟାଦିର ବିଭିନ୍ନ ସମସ୍ୟା/ପ୍ରସଙ୍ଗ ସହ ସହ ପରିଚିତ କରାଏ ।

**ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ଓ ରାଜନୈତିକ ଜୀବନ ଶିକ୍ଷଣ:** ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ଓ ରାଜନୈତିକ ଜୀବନ ରାଜନୀତି ବିଜ୍ଞାନ/ଅର୍ଥନୀତି/ସମାଜବିଜ୍ଞାନର ଏକ ସମନ୍ୱିତ ବିଷୟ ଭାବେ କାର୍ଯ୍ୟ କରେ । ସାମାଜିକ ଓ ରାଜନୈତିକ ଜୀବନ କିପରି ଭାବରେ ରାଜନୀତି ବିଜ୍ଞାନ/ଅର୍ଥନୀତି/ସମାଜବିଜ୍ଞାନର ଏକ ସମନ୍ୱିତ ବିଷୟ ଭାବେ କାର୍ଯ୍ୟ କରେ ତାହା ନିମ୍ନରେ ପ୍ରଦାନ କରାଗଲା ।

### ୫.୨.୨ ସାମାଜିକ ଓ ରାଜନୈତିକ ଜୀବନ-ରାଜନୀତି ବିଜ୍ଞାନ/ଅର୍ଥନୀତି/ସମାଜ ବିଜ୍ଞାନର ଏକ ସମନ୍ୱିତ ବିଷୟ

**'ସାମାଜିକ ଓ ରାଜନୈତିକ ଜୀବନ(ଏସ୍‌ପିଏଲ୍)'** ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ 'ନଗରବିଜ୍ଞାନ'ର ଏକ ନୂତନ ଶିକ୍ଷଣ କ୍ଷେତ୍ର । ଏନ୍‌ସିଏଫ୍ (୨୦୦୫) ଅନୁସାରେ, "ଉପନିବେଶବାଦ ସମୟରେ ବ୍ରିଟିଶ ରାଜ୍ ବିରୋଧରେ ଭାରତୀୟଙ୍କ ଅଣଆନୁଗତ୍ୟ ଭାବନା ବୃଦ୍ଧି ଯୋଗୁ ଭାରତୀୟ ବିଦ୍ୟାଳୟ ପାଠ୍ୟକ୍ରମରେ ନଗରବିଜ୍ଞାନ ଆତ୍ମପ୍ରକାଶ କରିଥିଲା । କୃତଜ୍ଞତା ଓ ଆନୁଗତ୍ୟ ପ୍ରତି ଗୁରୁତ୍ୱ ନଗରବିଜ୍ଞାନର ପ୍ରମୁଖ ବୈଶିଷ୍ଟ୍ୟ" ।

ଏସ୍‌ପିଏଲ୍ ବାସ୍ତବ ଜୀବନ ସ୍ଥିତି ଆଧାରିତ; ଯାହା ବିଷୟଗତ ଧାରଣାର ଶିକ୍ଷାଦାନ ପାଇଁ ବାସ୍ତବ ସ୍ଥିତିକୁ ବ୍ୟବହାର କରେ । କାରଣ ପିଲାମାନେ ଦୃଢ ଅଭିଜ୍ଞତାରୁ ଉତ୍ତମ ଶିକ୍ଷାଲାଭ କରିଥାନ୍ତି । ଏହା ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଶ୍ରେଣୀକକ୍ଷକୁ ଆଣୁଥିବା ପାରିବାରିକ ଓ ସାମାଜିକ ସମସ୍ୟା/ପ୍ରସଙ୍ଗର ଅଭିଜ୍ଞତାଭିତ୍ତିକ ବୁଝାମଣାରୁ ଆନୀତ ପଦାର୍ଥକୁ ବ୍ୟବହାର କରିଥାଏ ।

ଏସ୍‌ପିଏଲ୍ ଏହାର ଶିକ୍ଷଣ ଅଭିଜ୍ଞତାକୁ ମୁଖ୍ୟତଃ ରାଜନୀତି ବିଜ୍ଞାନ, ଅର୍ଥନୀତି ଓ ସମାଜବିଜ୍ଞାନ/ସମାଜତତ୍ତ୍ୱରୁ ଆଣିଥାଏ । ରାଜନୀତି ବିଜ୍ଞାନ ପିଲାକୁ ଗଣତାନ୍ତ୍ରିକ ପ୍ରକ୍ରିୟା ଓ ଭାଗିଦାରୀ ବିଷୟରେ ଅବଗତ କରାଏ । ଅର୍ଥନୀତି ପିଲାକୁ ଅର୍ଥନୈତିକ କାର୍ଯ୍ୟକ୍ରମ ଯଥା-ଉତ୍ପାଦନ, ବ୍ୟବହାର, ବଣ୍ଟନ, ବିନିମୟ ଇତ୍ୟାଦି ଜାଣିବାକୁ ସକ୍ଷମ କରାଏ । ସମାଜବିଜ୍ଞାନ ଜାତି, ଶ୍ରେଣୀ, ଧର୍ମ ଇତ୍ୟାଦି ବନ୍ଧନକୁ ଦୂର କରି ପିଲାମାନଙ୍କୁ ନାଗରିକ ସମାଜର ପ୍ରମୁଖ ସଦସ୍ୟ ଭାବରେ ଗଢ଼ିତୋଳେ ।

### ୫.୨.୩ ସାମାଜିକ ବିଜ୍ଞାନ ପ୍ରତି ସାମାଜିକ ଓ ରାଜନୈତିକ ଜୀବନ ପ୍ରସଙ୍ଗ ସମୂହର ଅବଦାନ

ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର 'ସାମାଜିକ ଓ ରାଜନୈତିକ ଜୀବନ' ପୂର୍ବରୁ 'ନଗର ବିଜ୍ଞାନ' ରୂପରେ ଶିକ୍ଷାଦାନ କରାଯାଉଥିଲା । ସାମାଜିକ ଓ ରାଜନୈତିକ ଜୀବନ କିପରି ଭାବରେ ନଗର ବିଜ୍ଞାନକୁ ହଟାଇଲା ସେସମ୍ବନ୍ଧରେ  ସବିଶେଷ ଆଲୋଚନା କରାଯାଇଛି । ଆସ ଇଶ୍ୱର ଭାଇ ପଟେଲ କମିଟି (୧୯୭୭) ସୁପାରିଶ କରିଥିବା ଆଦର୍ଶ ବିଷୟବସ୍ତୁ ଏବଂ ସାମାଜିକ ବିଜ୍ଞାନ ଶିକ୍ଷାଦାନ ପାଇଁ ନ୍ୟାସନାଲ ଫୋକସ୍ ଗ୍ରୁପ୍ (୨୦୦୬) ସୁପାରିଶ କରିଥିବା ବିଷୟ ବସ୍ତୁକୁ ପରୀକ୍ଷା ନିରୀକ୍ଷା କରିବା ଓ ପାର୍ଥକ୍ୟ ଦର୍ଶାଇବା ।

ଇଶ୍ୱର ଭାଇ ପଟେଲ କମିଟି (୧୯୭୭) ଉଚ୍ଚ ପ୍ରାଥମିକ ସ୍ତରରେ (ଷଷ୍ଠରୁ ଅଷ୍ଟମ ଶ୍ରେଣୀ ନିମନ୍ତେ) ସାମାଜିକ ବିଜ୍ଞାନ ପାଠ୍ୟକ୍ରମର 'ନଗରବିଜ୍ଞାନ' ପାଇଁ ନିମ୍ନଲିଖିତ ଆଦର୍ଶ ବିଷୟବସ୍ତୁକୁ ନିମ୍ନ ମତେ ପ୍ରସ୍ତାବ ଦେଇଥିଲେ:

ନଗରବିଜ୍ଞାନ (ଶ୍ରେଣୀ ଷଷ୍ଠ-ନଗର ଜୀବନ)

୧-ଗୋଷ୍ଠୀ ଯୋଜନାର ବିକାଶ, ସମବାୟ ସମିତି, ଗୋଷ୍ଠୀ ବିକାଶ

୨-ସ୍ଥାନୀୟ ପ୍ରଶାସନ (ଗ୍ରାମାଞ୍ଚଳ): ଆବଶ୍ୟକତା, ସଂରଚନା ଓ କାର୍ଯ୍ୟାବଳୀ

୩-ସ୍ଥାନୀୟ ପ୍ରଶାସନ (ସହରାଞ୍ଚଳ): ସଂରଚନା ଓ କାର୍ଯ୍ୟାବଳୀ

୪-ଜିଲା ପ୍ରଶାସନ: ଆଇନଶୃଙ୍ଖଳା, ନାଗରିକ ସୁବିଧାସୁଯୋଗ

୫-ଗୋଷ୍ଠୀ ସମ୍ପତ୍ତିର ସଂରକ୍ଷଣ: ସର୍ବସାଧାରଣ ସମ୍ପତ୍ତି, ଏହାର ସଂରକ୍ଷଣ, ଐତିହାସିକ କୀର୍ତ୍ତିରାଜି ।

୬-ପ୍ରକଳ୍ପ କାର୍ଯ୍ୟ: ଭାରତର ଯେକୌଣସି ସକ୍ରିୟ ନାଗରିକଙ୍କ ପାଇଁ ଆବଶ୍ୟକ ଦକ୍ଷତା ବିକାଶର ସୁଯୋଗ ସୃଷ୍ଟି, ସମସ୍ୟା ସମୂହ

ନଗରବିଜ୍ଞାନ (ଶ୍ରେଣୀ ସପ୍ତମ-ଆମ ବା ଭାରତୀୟ ସମ୍ବିଧାନ)

ଟିପ୍ପଣୀ

୧-ଆମ ସମ୍ବିଧାନର ପ୍ରମୁଖ ବୈଶିଷ୍ଟ୍ୟ: ମୌଳିକ ନୀତି, ଜାତୀୟ ସରକାର, ରାଜ୍ୟ ସରକାର, ଅଧିକାର, କର୍ତ୍ତବ୍ୟ, ନିର୍ଦ୍ଦେଶାତ୍ମକ ନିୟମାବଳୀ, ଜାତୀୟ ସଙ୍କେତ ।

୨-ଆଇନ ତିଆରି ପ୍ରକ୍ରିୟା: ସଂସଦ,ରାଜ୍ୟ ବିଧାନସଭା, ଆଇନ କିପରି ତିଆରି ହୁଏ ?

୩-ଆଇନର କାର୍ଯ୍ୟକାରିତା: ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ମନ୍ତ୍ରୀ ମଣ୍ଡଳ, ଲୋକ ସେବା,

୪-ଆଇନର ତର୍ଜମା: ସର୍ବୋଚ୍ଚ ନ୍ୟାୟାଳୟ, ଉଚ୍ଚ ନ୍ୟାୟାଳୟ ଏବଂ ନିମ୍ନ ଅଦାଲତ ।

୫- ପ୍ରକଳ୍ପ କାର୍ଯ୍ୟ ।

ନଗରବିଜ୍ଞାନ (ଶ୍ରେଣୀ ଅଷ୍ଟମ- ସ୍ୱାଧୀନ ଭାରତ: ଉପଲବ୍ଧି ଏବଂ ଆହ୍ୱାନ ସମୂହ

୧-ଆମ ରାଷ୍ଟ୍ରୀୟ ଲକ୍ଷ୍ୟ: ଗଣତନ୍ତ୍ର, ସାମ୍ୟବାଦ ଓ ଧର୍ମନିରପେକ୍ଷତା, ଅନ୍ତର୍ରାଷ୍ଟ୍ରୀୟ ସହଯୋଗ

୨-ଆମ ଗଣତନ୍ତ୍ରର ସଶକ୍ତିକରଣ: ଗଣତନ୍ତ୍ରରେ ନାଗରିକତ୍ୱ. ଭାରତରେ ସାକ୍ଷରତା ।

୩-ସାମାଜିକ ଓ ଆର୍ଥିକ ସଂସ୍କାର: ଦାରିଦ୍ର୍ୟ, ଜନସଂଖ୍ୟା, ବେକାରୀ, ଜାତିପ୍ରଥା ।

୪-ପଞ୍ଚ ବାର୍ଷିକ ଯୋଜନା-ସଫଳତା ଓ ବିଫଳତା: କୃଷି, ଶିଳ୍ପ, ଗ୍ରାମ୍ୟ ଜୀବନ ।

୫-ରାଷ୍ଟ୍ରର ପ୍ରତିରକ୍ଷା: ସଶସ୍ତ୍ର ସେନା. ଆଞ୍ଚଳିକ ସେନାବାହିନୀ, ସୀମା ସୁରକ୍ଷା ବାହିନୀ, ସମର ଶିକ୍ଷାର୍ଥୀ ବାହିନୀ, ଏସିସି, ନାଗରିକ ଓ ପ୍ରତିରକ୍ଷା ।

୬- ଭାରତ ଏବଂ ବିଶ୍ୱ: ସହଯୋଗର ଆବଶ୍ୟକତା, ସହାବସ୍ଥାନ, ମିଳିତ ଜାତିସଂଘ ।

୭-ପ୍ରକଳ୍ପ କାର୍ଯ୍ୟ ।

**ସାମାଜିକ ବିଜ୍ଞାନ ଶିକ୍ଷାଦାନ ପାଇଁ ଗଠିତ ନ୍ୟାସନାଲ ଫୋକସ୍ ଗ୍ରୁପ୍ (୨୦୦୬) ଉଚ୍ଚ ପ୍ରାଥମିକ ସ୍ତରରେ (ଷଷ୍ଠରୁ ଅଷ୍ଟମ ଶ୍ରେଣୀ ନିମନ୍ତେ) ସାମାଜିକ ବିଜ୍ଞାନ ପାଠ୍ୟକ୍ରମର 'ସାମାଜିକ ଓ ରାଜନୈତିକ ଜୀବନ' ପାଇଁ ନିମ୍ନଲିଖିତ ଆଦର୍ଶ ବିଷୟବସ୍ତୁକୁ ନିମ୍ନ ମତେ ପ୍ରସ୍ତାବ ଦେଇଥିଲେ:**

ଶ୍ରେଣୀ-ଷଷ୍ଠ (ବିଭିନ୍ନତା ଓ ପାରସ୍ପରିକ ନିର୍ଭରଶୀଳତା)

ଏକକ-୧ ବିଭିନ୍ନତା

ଏକକ-୨ ସରକାର

ଏକକ-୩ ସ୍ଥାନୀୟ ପ୍ରଶାସନ

ଏକକ-୪ ଜୀବନ ଉପଯୋଗୀ କରିବା

ଶ୍ରେଣୀ-ସପ୍ତମ (ଗଣତନ୍ତ୍ର ଓ ସମାନତା)

ଏକକ-୧ ଗଣତନ୍ତ୍ର

ଏକକ-୨ ରାଜ୍ୟ ସରକାର

ଏକକ-୩ ଗଣମାଧ୍ୟମକୁ ବୁଝିବା

ଏକକ-୪ ଲିଙ୍ଗଗତ ସମାନତା

ଏକକ-୫- ଆମ ଚତୁର୍ପାର୍ଶ୍ୱର ବଜାର

ଶ୍ରେଣୀ-ଅଷ୍ଟମ (ଆଇନ ଓ ସାମାଜିକ ନ୍ୟାୟ)

ଏକକ-୧ ସମ୍ବିଧାନ

ଏକକ-୨ ସଂସଦୀୟ ସରକାର

ଏକକ-୩ ନ୍ୟାୟପାଳିକା

ଏକକ-୪ ସାମାଜିକ ନ୍ୟାୟ ଏବଂ ଅବହେଳିତ ବର୍ଗ

ଏକକ-୫- ସରକାରଙ୍କ ଅର୍ଥନୈତିକ ଉପସ୍ଥିତି

**ନିଜ ଅଗ୍ରଗତି ଆକଳନ -୧**

ପ୍ରଶ୍ନ: 'ସାମାଜିକ ଓ ରାଜନୈତିକ ଜୀବନ' କିପରି ଭାବରେ ରାଜନୀତି ବିଜ୍ଞାନ, ଅର୍ଥନୀତି ଓ ସମାଜବିଜ୍ଞାନ ସହ ସମ୍ବନ୍ଧିତ ?

(ଟିପ୍ପଣୀ: ନିମ୍ନରେ ପ୍ରଦତ୍ତ ଖାଲି ସ୍ଥାନରେ ତୁମ ଉତ୍ତର ଲେଖ ଏବଂ ତୁମ ଉତ୍ତରକୁ ଏକକ ଶେଷରେ ଦିଆଯାଇଥିବା ଆଦର୍ଶ ଉତ୍ତରମାଳାର ଉତ୍ତର ସହ ତୁଳନା କର)

--------------------------------------------------------------------------------
--------------------------------------------------------------------------------
--------------------------------------------------------------------------------
--------------------------------------------------------------------------------
----------------------------------------------------

## ୫.୩. ରାଜନୀତି ବିଜ୍ଞାନ,ଅର୍ଥନୀତି ଓ ସମାଜ ବିଜ୍ଞାନରେ ସମାଜବିଜ୍ଞାନୀମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପନ୍ଥା ସମୂହ

ପୂର୍ବରୁ ଆଲୋଚନା କରାଯାଇଛି 'ସାମାଜିକ ଓ ରାଜନୈତିକ ଜୀବନ' ରାଜନୀତି ବିଜ୍ଞାନ, ଅର୍ଥନୀତି ଓ ସମାଜବିଜ୍ଞାନର ଏକ ମିଶ୍ରଣ । ଏହିସବୁ ବିଷୟକୁ ଅଧ୍ୟୟନ କରିବା ଓ ବୁଝିବା ପାଇଁ ସେଗୁଡ଼ିକର ନିଜସ୍ୱ ପଦ୍ଧତି ରହିଥିଲେ ମଧ୍ୟ ରାଜନୀତି ବିଜ୍ଞାନ, ଅର୍ଥନୀତି ଓ ସମାଜବିଜ୍ଞାନ ତିନିଟି ସ୍ୱାଧୀନ ମୁକ୍ତ ବିଜ୍ଞାନ/ପାଠ ଅଟେ । ଏହି ସମସ୍ତ ତିନିଟି ପାଠର ବିଷୟବସ୍ତୁ, ସ୍ୱରୂପ ଓ ପରିସର ପରସ୍ପର ସହ ବିଭିନ୍ନ ଭାବରେ ଭିନ୍ନ । ଏଣୁ, ସମାଜବିଜ୍ଞାନୀମାନେ ଏହି ତିନିଟି ବିଷୟକୁ ବୁଝିବା ପାଇଁ ସମାନ ପନ୍ଥା ପଦ୍ଧତି ଗ୍ରହଣ ନକରି ସେମାନଙ୍କର ସ୍ୱରୂପ ଅନୁସାରେ ସେସବୁକୁ ବୁଝିବା ପାଇଁ ପନ୍ଥା / ପଦ୍ଧତି ଆପଣେଇଛନ୍ତି । ଆମେ ରାଜନୀତି ବିଜ୍ଞାନ, ଅର୍ଥନୀତି ଓ ସମାଜବିଜ୍ଞାନ ପାଇଁ ସମାଜବିଜ୍ଞାନୀମାନେ ଗ୍ରହଣ କରିଥିବା ପନ୍ଥା / ପଦ୍ଧତି ବିଷୟରେ ପରବର୍ତ୍ତୀ ଉପବିଭାଗରେ ଆଲୋଚନା କରିବା ।

### ୫.୩.୧ ରାଜନୀତି ବିଜ୍ଞାନକୁ ବୁଝିବାରେ ସମାଜ ବିଜ୍ଞାନୀମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦ୍ଧତି/ପନ୍ଥା ସମୂହ

ରାଜନୀତି ବିଜ୍ଞାନକୁ ବୁଝିବା ପନ୍ଥାଗୁଡ଼ିକ ବିଭିନ୍ନ ଭାବରେ ବିଭକ୍ତ ହୋଇଥିଲେ ହେଁ ପୁରାତନ ଓ ଆଧୁନିକ ପନ୍ଥାର ବିଶେଷ ପ୍ରାଧାନ୍ୟ ରହିଛି । ପୁରାତନ ପନ୍ଥା ସବୁ ସକ୍ରେଟିସ୍, ପ୍ଲାଟୋ ଏବଂ ଆରିଷ୍ଟଟଲଙ୍କ ଅବଦାନରୁ ଉଦ୍ଭବ ଏବଂ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ତାହାର ପ୍ରାଧାନ୍ୟ ରହିଥିଲା । ପଞ୍ଚଦଶ, ଷୋଡ଼ଶ ଶତାବ୍ଦୀରେ ଆଧୁନିକ ପନ୍ଥା ଆରମ୍ଭ ହୋଇଥିଲା ଏବଂ ବିଂଶ ଶତାବ୍ଦୀରେ ରାଜନୀତି ବିଜ୍ଞାନକୁ ବୁଝିବାରେ ପ୍ରମୁଖ ଥିଲା । ପୁରାତନ/ପାରମ୍ପରିକ ପନ୍ଥା ଏବଂ ଆଧୁନିକ ପନ୍ଥା ମଧ୍ୟରେ ରହିଥିବା କେତେକ ପାର୍ଥକ୍ୟ ନିମ୍ନରେ ପ୍ରଦାନ କରାଗଲା:-

**ପୁରାତନ/ପାରମ୍ପରିକ ପନ୍ଥା ସମୂହ:**

-ରାଜ୍ୟ ଏବଂ ଏହାର ସରକାରୀ ସଂସ୍ଥାର ଅଧ୍ୟୟନ ହେଲା ରାଜନୀତି ବିଜ୍ଞାନ ।

-ରାଜନୀତିର ଔପଚାରିକ ଉପାଦାନ ଉପରେ ଧ୍ୟାନ: ସରକାର, ସଂଗଠନ, ସମ୍ବିଧାନ ଇତ୍ୟାଦି ।

-ରାଜନୀତି ବିଜ୍ଞାନକୁ ବିଷୟଗତ, ତତ୍ତ୍ୱଗତ ଓ ଉଦ୍ଦେଶ୍ୟ ଭିତିକ କାର୍ଯ୍ୟ ଭାବରେ ଚିତ୍ରଣ

-ଅଧିକ ଦାର୍ଶନିକ ସ୍ୱାଭାବର

-ରାଜନୀତି ବିଜ୍ଞାନକୁ ଏକ ଅଣପର୍ଯ୍ୟବେକ୍ଷଣ ଓ ମୂଲ୍ୟ ଆଧାରିତ ବିଷୟ ଭାବେ ଦେଖିବା ।

ଟିପ୍ପଣୀ

-ବିଧିବ୍ୟବସ୍ଥା ସମ୍ବଳିତ ଓ ଆଦର୍ଶଗତ । ଉତ୍ତମ ସମାଜ ଗଠନ ଲକ୍ଷ୍ୟ ।

-ମୌଳିକତଃ ନିୟମାବଳୀ ସମୂହ ଅଟେ ଏବଂ ସାମାଜିକ ପରିବର୍ତ୍ତନ ଓ ନିୟନ୍ତ୍ରଣର ମୁଖ୍ୟଭାବେ ଅନୁଷ୍ଠାନକୁ ଗୁରୁତ୍ୱାରୋପ ।

**ଆଧୁନିକ ପନ୍ଥା ସମୂହ:**

-ରାଜନୀତି ବିଜ୍ଞାନ କ୍ଷମତା ଓ ରାଜନୈତିକ ବ୍ୟବହାର ସଂକ୍ରାନ୍ତ ନିଷ୍ପତ୍ତି ଗ୍ରହଣର ଅଧ୍ୟୟନ ଅଟେ ।

-ରାଜନୀତିକୁ ଏକ କାର୍ଯ୍ୟକ୍ରମ ବା ପ୍ରକ୍ରିୟା ସେବା ଭାବରେ ଦେଖିଥାଏ ।

-ରାଜନୀତି ବିଜ୍ଞାନକୁ ଏକ ଉଦ୍ଦେଶ୍ୟଭିତ୍ତିକ, ବୈଜ୍ଞାନିକ ଓ ପ୍ରକ୍ରିୟା ସମ୍ବଳିତ କାର୍ଯ୍ୟ ରୂପେ ବର୍ଣ୍ଣନା କରେ ।

-ଅଧିକ ବିଶ୍ଳେଷଣାତ୍ମକ ।

-ରାଜନୀତି ବିଜ୍ଞାନକୁ ଏକ ପର୍ଯ୍ୟବେକ୍ଷଣ ଭିତ୍ତିକ ଓ ମୂଲ୍ୟମୁକ୍ତ ବିଷୟ ଭାବେ ଦେଖେ ।

-ପରିମାଣଗତ ଓ ଆରୋହ ପଦ୍ଧତିକୁ ଗୁରୁତ୍ୱ ପ୍ରଦାନ କରେ । ରାଜନୀତିକୁ ଜ୍ଞାନର ଏକ ବିଜ୍ଞାନ ସମ୍ମତ ସଂସ୍ଥା କରିବା ଲକ୍ଷ୍ୟ ରଖେ ।

-ଅତିରିକ୍ତ ରାଜନୈତିକ କାରକ ଓ ସର୍ତ୍ତାବଳୀକୁ ପ୍ରାଧାନ୍ୟ ଦିଏ ; ଯାହା ରାଜନୈତିକ ଘଟଣାବଳୀ ଓ ସଂସ୍ଥାକୁ ପ୍ରଭାବିତ କରେ ।

ପୁରାତନ ପନ୍ଥା ଓ ଆଧୁନିକ ପନ୍ଥାଗୁଡିକ ମଧ୍ୟରେ ଉପରଲିଖିତ ସମସ୍ତ ପାର୍ଥକ୍ୟ ସର୍ବଦା ସାମଗ୍ରିକ ପ୍ରକୃତିର ହୋଇନଥାଏ । ପୁରାତନ ଓ ଆଧୁନିକ ପନ୍ଥାଗୁଡିକ ମଧ୍ୟରେ ସମ୍ପର୍କ ବିଭିନ୍ନ ପ୍ରସଙ୍ଗରେ ଲଗାଲଗି ଅଟନ୍ତି । ଅନେକ ସ୍ଥିତିରେ ଏହି ଉଭୟ ପନ୍ଥା ମଧ୍ୟରେ ଏକ ବିନିମୟ ରହିଥାଏ । ରାଜନୀତି ବିଜ୍ଞାନକୁ ବୁଝିବା ପାଇଁ ଅନେକ ପୁରାତନ ଓ ନୂତନ (ଆଧୁନିକ) ପନ୍ଥା ରହିଛି । ଏଠାରେ ଆମେ ଦୁଇଟି ପାରମ୍ପରିକ/ପୁରାତନ ପନ୍ଥା (ଦାର୍ଶନିକ ପନ୍ଥା ଏବଂ ବୈଧ-ଅନୁଷ୍ଠାନ ପନ୍ଥା) ଏବଂ ଦୁଇଟି ଆଧୁନିକ ପନ୍ଥା (ବ୍ୟାବହାରିକ ପନ୍ଥା ଓ ମନୋବୈଜ୍ଞାନିକ ପଦ୍ଧତି) ବିଷୟରେ ଆଲୋଚନା କରିବା ।

**ଦାର୍ଶନିକ ପନ୍ଥା:**

ଏହି ପନ୍ଥା ସାଧାରଣତଃ ଆକଳନାତ୍ମକ ଓ ଆଦର୍ଶାତ୍ମକ । ସାମାନ୍ୟତମ ପର୍ଯ୍ୟବେକ୍ଷଣରେ ଉପସଂହାରରେ ଉପନୀତ ହେଉଥିବା ଅଧିକାଂଶ ପାରମ୍ପରିକ ରାଜନୈତିକ ଦର୍ଶନ କେବଳ ପ୍ରାକ୍ ଅବରୋହୀ ସମ୍ବନ୍ଧିତ ଅଟେ । ଏହି ପନ୍ଥାରେ ସ୍ୱରୂପ ବ୍ୟାପ୍ତାତ୍ମକ । ପ୍ଲାଟୋଙ୍କ ରିପବ୍ଲିକ୍, ହବ୍‌ସଙ୍କ ଲେବିଆଥନ୍ ଇତ୍ୟାଦିଙ୍କ ଉଦ୍ଦେଶ୍ୟ ଆଦର୍ଶ ରାଷ୍ଟ୍ରକୁ ପ୍ରଦର୍ଶିତ କରିବାକୁ ନୁହେଁ, ବରଂ ଏକ ସାରାଂଶ ପ୍ରଦର୍ଶିତ କରିବାକୁ କରାଯାଇଥିଲା । ଅନ୍ୟ ବହୁ ରାଜନୈତିକ ଦାର୍ଶନିକ ମଧ୍ୟ ଅବରୋହ ତର୍କ ଚିନ୍ତନ ପ୍ରକ୍ରିୟା ବ୍ୟବହାର କରି ରାଷ୍ଟ୍ର, ନ୍ୟାୟ, ଆଇନ, ସ୍ୱାଧୀନତା, ଗଣତନ୍ତ୍ର ଇତ୍ୟାଦିର ସ୍ପଷ୍ଟୀକରଣ କରିଛନ୍ତି । ଅବରୋହ ତର୍କ ଦ୍ୱାରା ଏହିସବୁ ରାଜନୈତିକ ଚିନ୍ତାନାୟକମାନେ ରାଜନୈତିକ ଆଚରଣ, ଶାସନର ପ୍ରକାର ଇତ୍ୟାଦି ସଂକ୍ରାନ୍ତରେ ଅବିଶ୍ୱାସନୀୟ ଆତ୍ମପ୍ରମାଣିତ ଉପସଂହାରରେ ଉପନୀତ ହୋଇଛନ୍ତି । ମାତ୍ର ଏହି ସବୁ ଦାର୍ଶନିକମାନେ ଅଧିକାଂଶ କ୍ଷେତ୍ରରେ ମାନବ ପ୍ରକୃତିକୁ ଅନୁମୋଦିତ ଭାବରେ ଗ୍ରହଣ କରିଥିବା ଏବଂ କଦାଚିତ୍ ବସ୍ତୁନିଷ୍ଠ ଅଧ୍ୟୟନ କରିଥିବା କହି ଆଧୁନିକ ବିଜ୍ଞାନସମ୍ମତ ପଦ୍ଧତି ପ୍ରଣେତାମାନେ ସେମାନଙ୍କୁ ସମାଲୋଚନା କରନ୍ତି । ଏହି ରାଜନୈତିକ ଦର୍ଶନ ଆଧୁନିକ ଚିନ୍ତାନାୟକଙ୍କ ଦ୍ୱାରା ସମାଲୋଚିତ ହୋଇଥିଲେ ହେଁ ରାଜନୀତି ଅଧ୍ୟୟନରେ ଏହାର ବିଶେଷ ପ୍ରାସଙ୍ଗିକତା ରହିଛି । ଲକ୍, ଆରିଷ୍ଟଟଲ୍, ଚାଣକ୍ୟ, ପ୍ଲାଟୋ ଏବଂ ଅନ୍ୟମାନଙ୍କ ରାଜନୈତିକ ଦର୍ଶନ ଆଜି ବି ମଧ୍ୟ ପ୍ରାସଙ୍ଗିକ ।

**ବୈଧ-ଆନୁଷ୍ଠାନିକ (ସାମ୍ବିଧାନିକ) ପନ୍ଥା**

ବୈଧ ଆନୁଷ୍ଠାନିକ (ସାମ୍ବିଧାନିକ) ପନ୍ଥା ସମସାମୟିକ ରାଜନୀତିରେ ଏବେବି ପ୍ରାକ୍-ପ୍ରାଧାନ୍ୟ ପନ୍ଥା ଭାବରେ ରହିଛି ଏବଂ ଏହି ପନ୍ଥାର ମୂଳ ଆରିଷ୍ଟଟଲ୍‌ଙ୍କ ଗ୍ରୀସ୍ ସହର ରାଜ୍ୟର ସମ୍ବିଧାନ ବର୍ଣ୍ଣନା ସମୟର । ଏହି ପନ୍ଥା ରାଜନୀତିରେ ଔପଚାରିକ ଉପାଦାନ- ସରକାର, ଅନୁଷ୍ଠାନ, ସମ୍ବିଧାନ ଓ ରାଷ୍ଟ୍ରକୁ ପ୍ରାଧାନ୍ୟ ଦିଏ । ଏହି ପନ୍ଥା ଅନୁସାରେ, ' ଔପଚାରିକ ଅନୁଷ୍ଠାନ ମଧ୍ୟରେ କାର୍ଯ୍ୟକ୍ଷମତା ଓ ସମ୍ପର୍କକୁ ପରିଚାଳନା କରୁଥିବା ତ୍ୱରିତ ଉପଲବ୍ଧ ସରକାରୀ ଉତ୍ସ ଓ ନଥି ଆଧାରିତ ବୈଧ ନିୟମ ଓ ପ୍ରଥାର ବର୍ଣ୍ଣନା ଓ ପର୍ଯ୍ୟବେକ୍ଷଣ ରାଜନୈତିକ କାର୍ଯ୍ୟକ୍ରମ ବିଷୟରେ ସାଧାରଣୀକରଣ ଉପସଂହାର ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଦୃଷ୍ଟି ଯୋଗାଏ' । ଭାରତର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟ ଏବଂ ସେମାନଙ୍କ ମଧ୍ୟରେ ଥିବା ସାମ୍ବିଧାନିକ ସମ୍ପର୍କ

ଓ କାର୍ଯ୍ୟ ଏହି ପନ୍ଥା ଜରିଆରେ ଉତ୍ତମ ଭାବରେ ଅଧ୍ୟୟନ କରିହୁଏ । ଏହି ପନ୍ଥା ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ସରକାରଙ୍କ ବିଶେଷତ୍ୱକୁ ଗୁରୁତ୍ୱ ପ୍ରଦାନ କରିବା ସହ ରାଜନୀତି ଏକ କାର୍ଯ୍ୟକ୍ରମ ବା ପ୍ରକ୍ରିୟା ଚିନ୍ତାଧାରାକୁ ଉପେକ୍ଷା କରିଥିବାରୁ ଏହାକୁ ସ୍ଥିତ  ବା ପ୍ରାଣଶୂନ୍ୟ ବୋଲି ସମାଲୋଚନା କରାଯାଏ । ଏହି ପନ୍ଥା ଔପଚାରିକ ଅନୁଷ୍ଠାନ ଓ ରାଜନୈତିକ ଆଚରଣ ନଥିବା ଅଣବିକଶିତ ଓ ପଛୁଆ ଗୋଷ୍ଠୀକୁ ଅଧ୍ୟୟନ କରିବାରେ ବିଫଳ । ଅନ୍ତର୍ଜାତୀୟ ରାଜନୀତି ସାଧାରଣତଃ ଔପଚାରିକ ଅନୁଷ୍ଠାନ ରହିତ ଏବଂ ହିଂସାତ୍ମକ ବୈଶିଷ୍ଟ୍ୟ ବିଶିଷ୍ଟ ହୋଇଥିବାରୁ ଏହି ପଦ୍ଧତି ଅନ୍ତର୍ଜାତୀୟ ରାଜନୀତିକୁ ଅଧ୍ୟୟନ କରିବାରେ ବିଫଳ ହୋଇଥାଏ ।

**ବ୍ୟାବହାରିକ ପନ୍ଥା**

୧୯୪୦ ଦଶକରେ ଆତ୍ମପ୍ରକାଶ କରିଥିବା ରାଜନୀତି ବିଜ୍ଞାନର କ୍ଷେତ୍ର ଅଧ୍ୟୟନକୁ ବ୍ୟାବହାରିକ ପନ୍ଥା କହନ୍ତି । ଆଜି ପର୍ଯ୍ୟନ୍ତ ଏହି ପନ୍ଥା ରାଜନୀତି ବିଜ୍ଞାନ କ୍ଷେତ୍ରରେ ଆଧିପତ୍ୟ ବିସ୍ତାର କରିରହିଛି । ପୁରାତନ ପନ୍ଥା ଘଟଣା, ସଂରଚନା, ଆଦର୍ଶ, ପ୍ରତିଷ୍ଠାନ ଇତ୍ୟାଦିକୁ ଗୁରୁତ୍ୱ ପ୍ରଦାନ କରୁଥିଲାବେଳେ ବ୍ୟାବହାରିକ ପନ୍ଥା ବ୍ୟକ୍ତି/କିମ୍ବା ଅପେକ୍ଷାକୃତ କ୍ଷୁଦ୍ର ଗୋଷ୍ଠୀର ବ୍ୟବହାରକୁ ବିଶ୍ଳେଷଣର ମୌଳିକ ଏକକ ଭାବରେ ଗ୍ରହଣ କରିଥାଏ । ରାଜନୀତି ବିଜ୍ଞାନରେ ବ୍ୟାବହାରିକତା ଏକ ଅଭିଯାନ ; ଯାହା ରାଜନୈତିକ ଅଭିନେତାଙ୍କ ପର୍ଯ୍ୟବେକ୍ଷଣଯୋଗ୍ୟ ବ୍ୟବହାରକୁ କେବଳ ବିଶ୍ଳେଷଣ କରେ ବୋଲି ରବର୍ଟ ଦହଲ୍ ସ୍ପଷ୍ଟ କରିଛନ୍ତି । ଏହି ପଦ୍ଧତି ରାଜନୈତିକ ବ୍ୟବହାରକୁ ପ୍ରୟୋଗସିଦ୍ଧ ଭାବରେ ପ୍ରମାଣନ ତଥ୍ୟକୁ ସଂକ୍ଷିପ୍ତୀକରଣ କରେ । ଏହି ପନ୍ଥାର ସମାଲୋଚକଙ୍କ ମତରେ ମାନବୀୟ ବ୍ୟବହାର ପରୀକ୍ଷଣ ତଦନ୍ତ ପରିସରଭୁକ୍ତ ନୁହେଁ ଏବଂ ରାଜନୀତି ବିଜ୍ଞାନର ସାଧାରଣୀକରଣ ଗାଣିତିକ ସମୀକରଣର ନିର୍ଭୁଲତା ଉପରେ କମ୍ ନିର୍ଭର କରେ । ଆହୁରି ମଧ୍ୟ ସମାଲୋଚକମାନେ କହନ୍ତି, କେବଳ ମାତ୍ରାଧିକ ବ୍ୟବହାରକୁ ପର୍ଯ୍ୟବେକ୍ଷଣ କରାଯାଇ ପାରେ ଯାହା ଏକ କାହାଣୀର ଅଂଶକୁ ବର୍ଣ୍ଣନା କରେ । ରହସ୍ୟମୟ ବ୍ୟବହାରକୁ ଅଧ୍ୟୟନ କରିବା ଅତ୍ୟନ୍ତ କଷ୍ଟକର ହୋଇଥାଏ ;  କାହାଣୀ ପ୍ରତି ଯାହାର ଉଲ୍ଲେଖନୀୟ ଅବଦାନ ଥାଏ ।

**ମନସ୍ତାତ୍ତ୍ୱିକ ପନ୍ଥା:**

ରାଜନୀତି ବିଜ୍ଞାନର ସାମାଜିକ-ମନସ୍ତାତ୍ତ୍ୱିକୁ ଗୁରୁତ୍ୱ ପ୍ରଦାନ କରୁଥିବା ଗ୍ରାହାମ୍ ୱାଲାସ୍‌ଙ୍କ 'ହ୍ୟୁମାନ୍ ନେଚର ଅଫ୍ ପଲିଟିକ୍ସ'(୧୯୦୮) ପ୍ରକାଶନ ପରେ ମନସ୍ତାତ୍ତ୍ୱିକ ପଦ୍ଧତି ଅଧିକ ଗୁରୁତ୍ୱ ବହନ କରିଛି । ଏହି ପନ୍ଥାର ସମର୍ଥକମାନେ ରାଜନୈତିକ ଘଟଣାବଳୀକୁ ପ୍ରକାର ଓ ସଂରଚନା ବ୍ୟତିରେକ ମନସ୍ତାତ୍ତ୍ୱିକ କାରକ ରୂପରେ ସଂଜ୍ଞା ନିରୂପଣ କରନ୍ତି । ଏହି ପନ୍ଥା ଦାବି କରେ 'ମଣିଷର ରାଜନୈତିକ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବରେ  କାରଣ ଓ ଯଥାର୍ଥ ଦ୍ୱାରା ପରିଚାଳିତ ନୁହେଁ, ବରଂ ସେଗୁଡ଼ିକ ବ୍ୟକ୍ତିତ୍ୱ, ବ୍ୟବହାର, ପ୍ରେରଣା ଇତ୍ୟାଦି ମନସ୍ତାତ୍ତ୍ୱିକ କାରକ ଦ୍ୱାରା ପରିଚାଳିତ' । ତେଣୁ, ଅନେକ ରାଜନୀତି ବିଜ୍ଞାନୀ ଲୋକମତ, ଭୋଟଦାନ ବ୍ୟବହାର ଇତ୍ୟାଦି ବିଷୟରେ ଅଧ୍ୟୟନ କରିବା ସମୟରେ ବ୍ୟକ୍ତିତ୍ୱ, ବ୍ୟବହାର, ପସନ୍ଦ, ଆତ୍ମସମ୍ମାନ ଇତ୍ୟାଦିକୁ ଗବେଷଣାର ନିର୍ଦ୍ଧାରକ କାରକଭାବେ ବିଚାର କରିଥାନ୍ତି । ମନସ୍ତତ୍ତ୍ୱ ସାମଗ୍ରିକ ଭାବରେ ପ୍ରମାଣସିଦ୍ଧ ବିଜ୍ଞାନ ହୋଇନଥିବାରୁ ଏହି ପନ୍ଥାରେ ବ୍ୟକ୍ତିତ୍ୱ ଓ ଅନ୍ୟାନ୍ୟ ମନସ୍ତାତ୍ତ୍ୱିକ କାରକକୁ ଅଧ୍ୟୟନ କରିବା କଷ୍ଟକର ବୋଲି  ସମାଲୋଚକମାନେ  କହନ୍ତି ।

ଉପର ବର୍ଣ୍ଣିତ ପନ୍ଥା ବ୍ୟତୀତ ତୁଳନାତ୍ମକ ପନ୍ଥା. ବ୍ୟବସ୍ଥା ବିଶ୍ଳେଷଣ ପଦ୍ଧତି, ସଂରଚନାଗତ-କାର୍ଯ୍ୟକ୍ଷମାତ୍ମକ ପନ୍ଥା, ମାର୍କସୀୟ ପନ୍ଥା ପରି ଅନେକ ପନ୍ଥା ରହିଛି; ଯାହା ରାଜନୈତିକ ବ୍ୟବହାର ଓ ରାଜନୈତିକ ଘଟଣାର ଅଧ୍ୟୟନ ପାଇଁ ରାଜନୀତି ବିଜ୍ଞାନ କ୍ଷେତ୍ରରେ ବିଶେଷ ଭାବରେ ଗ୍ରହଣୀୟ ଅଟେ ।

### ୫.୩.୨  ଅର୍ଥନୀତିକୁ ବୁଝିବାରେ ସମାଜ ବିଜ୍ଞାନୀମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦ୍ଧତି / ପନ୍ଥା ସମୂହ

ଅର୍ଥନୀତି ସ୍ପଷ୍ଟ ଅର୍ଥ ନଥିବା ଜ୍ଞାନର ଭଣ୍ଡାର ଅଟେ । ପ୍ରକୃତ ପକ୍ଷେ ଏହାର ସଂଜ୍ଞା ନିରୂପଣ କଷ୍ଟକର ହୋଇଥିବାରୁ ଏହାକୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅର୍ଥନୀତିଜ୍ଞ/ସମାଜ ବିଜ୍ଞାନୀ ବିଭିନ୍ନ ପ୍ରକାରରେ ବୁଝିଛନ୍ତି/ଉପସ୍ଥାପନ କରିଛନ୍ତି । ଅର୍ଥନୀତି ବିଷୟ ଅଭିବୃଦ୍ଧି ଓ ବିକାଶର ପ୍ରକ୍ରିୟା ଅଟେ । ଅର୍ଥନୀତିକୁ ବୁଝାଇବାରେ ଅର୍ଥନୀତିଜ୍ଞମାନେ ଏକାଧିକ ପନ୍ଥା ଅନୁସରଣ କରିଥିଲେ ମଧ୍ୟ ସେଗୁଡ଼ିକ ମଧ୍ୟରେ ଅଳ୍ପ କିଛି ପନ୍ଥା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ତୁମ ବୋଧଗମ୍ୟତା ପାଇଁ ସେଗୁଡ଼ିକୁ ଏଠାରେ ଆଲୋଚନା  କରାଗଲା ।

ଟିପ୍ପଣୀ

### ଆଡାମ୍ ସ୍ମିଥ୍‌ଙ୍କ ସମ୍ପଦ ପନ୍ଥା

ଅର୍ଥନୀତିର ଜନକ ଆଡାମ୍ ସ୍ମିଥ୍ ଅର୍ଥନୀତିକୁ 'ସମ୍ପଦର ବିଜ୍ଞାନ' ବୋଲି କହିଛନ୍ତି । ୧୭୭୬ରେ ସ୍ମିଥ୍‌ଙ୍କ 'ଆନ୍ ଏନ୍‌କ୍ୱେରୀ ଇନ୍ ଟୁ ଦ ନେଚର ଆଣ୍ଡ କଜେସ୍ ଅଫ୍ ୱେଲ୍‌ଥ ଅଫ୍ ନେସନ୍' ପୁସ୍ତକ ପ୍ରକାଶ କରିଥିଲେ । ଏହି ପୁସ୍ତକରେ ଆଡାମ୍ ସ୍ମିଥ୍ ସମ୍ପଦର ଉତ୍ପାଦନ ଓ ସମ୍ପ୍ରସାରଣକୁ ଅର୍ଥନୀତିର ବିଷୟ ବସ୍ତୁ ଭାବରେ ଗୁରୁତ୍ୱାରୋପ କରିଛନ୍ତି । ଆଡାମ୍ ସ୍ମିଥ୍‌ଙ୍କ ଅନୁସାରେ, ସମ୍ପଦ ଓ ଧନର ଉତ୍ପାଦନ, ବଣ୍ଟନ ଓ ବିନିଯୋଗ ସହ ଅର୍ଥନୀତି ସଂଶ୍ଳିଷ୍ଟ । 'ଦେଶର ସମ୍ପଦ ଓ ଧନ ଏବଂ ଏହାର ଅଭିବୃଦ୍ଧିକୁ ନିର୍ଦ୍ଧାରଣ କରୁଥିବା କାରକଗୁଡ଼ିକ ସଂକ୍ରାନ୍ତରେ ଅର୍ଥନୀତି ଅନୁସନ୍ଧାନ କରେ' । ସମ୍ପଦର ଉତ୍ପାଦନ ଓ ସମ୍ପ୍ରସାରଣ ଅର୍ଥନୀତିର ବିଷୟବସ୍ତୁ ବୋଲି ଆଡାମ୍ ସ୍ମିଥ୍ କହିଥିଲାବେଳେ ସମ୍ପଦ ସଂଗ୍ରହ ପାଇଁ ମଣିଷର ଇଚ୍ଛା ସମ୍ପୂର୍ଣ୍ଣ ନିରାଧାର ବୋଲି ଏହି ସଂଜ୍ଞାର ସମାଲୋଚକମାନେ ମତ ଦିଅନ୍ତି । ଏକ ସଭ୍ୟ ସମାଜରେ ମାନବିକ କାର୍ଯ୍ୟ ସମ୍ପଦ ସଂଗ୍ରହ (ଠୁଳ) କରିବାର ଇଚ୍ଛା ବ୍ୟତୀତ ଆହୁରି ଅନେକ ଇଚ୍ଛା ଦ୍ୱାରା ପରିଚାଳିତ । ଆହୁରି ମଧ୍ୟ ଆଡାମ୍ ସ୍ମିଥ୍‌ଙ୍କ ସମ୍ପଦର ସଂଜ୍ଞା ମାନବ କଲ୍ୟାଣକୁ ଅଧିକ ଗୁରୁତ୍ୱ ପ୍ରଦାନ ପରିବର୍ତ୍ତେ ସମ୍ପଦକୁ ଅଧିକ ଗୁରୁତ୍ୱ ଦେଇଛି । ଅନ୍ୟ ଅର୍ଥରେ, ଅର୍ଥନୀତିର ପ୍ରମୁଖ ଉଦ୍ଦେଶ୍ୟ ଭାବରେ ସମ୍ପଦ ପଦ୍ଧତି ମାନବ କଲ୍ୟାଣକୁ ପ୍ରମାଣିତ କରିବାରେ ବିଫଳ ହୋଇଛି ।

### ଆଲ୍‌ଫ୍ରେଡ୍ ମାର୍ଶାଲ୍‌ଙ୍କ ଜନମଙ୍ଗଳ/କଲ୍ୟାଣ ପନ୍ଥା

ଆଲଫ୍ରେଡ୍ ମାର୍ଶାଲ୍ ୧୮୯୦ରେ 'ପ୍ରିନ୍ସିପୁଲ୍ସ ଅଫ୍ ଇକୋନୋମିକ୍ସ' ଶୀର୍ଷକରେ ଏକ ପୁସ୍ତକ ପ୍ରକାଶ କରିଥିଲେ । ଏହି ପୁସ୍ତକ 'ପ୍ରିନ୍ସିପୁଲ୍ସ ଅଫ୍ ଇକୋନୋମିକ୍ସ'ରେ ମାର୍ଶାଲ୍ ଅର୍ଥନୀତିକୁ କଲ୍ୟାଣର ବିଜ୍ଞାନ ବୋଲି ଅଭିହିତ କରିଥିଲେ । ଆଡାମ୍ ସ୍ମିଥ୍‌ଙ୍କ ସମ୍ପଦ ସଂଜ୍ଞାକୁ ସମାଲୋଚନା କରି ମାର୍ଶାଲ୍ ସୂଚାଇଛନ୍ତି, ଅର୍ଥନୀତି କ୍ଷେତ୍ରରେ ସମ୍ପଦ ନିଜ ସତ୍ତାରେ ଶେଷ ହୋଇନଥାଏ, ଏହା କେବଳ ଶେଷ ସାଧନ ଅଟେ; ମାନବ କଲ୍ୟାଣର ପ୍ରସାର ପ୍ରକୃତ ଶେଷ ଅଟେ । ମାର୍ଶାଲ୍ କହିଛନ୍ତି, "ଅର୍ଥନୀତି ମଣିଷର ବ୍ୟକ୍ତିଗତ ଓ ସାମାଜିକ କାର୍ଯ୍ୟାବଳୀର ସେହିଦିଗକୁ ସମୀକ୍ଷା କରେ ଯାହା ଭୌତିକ କଲ୍ୟାଣ ପ୍ରାପ୍ତି ନିମିତ୍ତ ଉଦ୍ଦିଷ୍ଟ' । ଅର୍ଥନୀତି ସଂକ୍ରାନ୍ତରେ ମାର୍ଶାଲ୍‌ଙ୍କ ସଂଜ୍ଞା ମୌଳିକତଃ ତିନିଟି ବିନ୍ଦୁକୁ ଦର୍ଶାଉଛି- ପ୍ରଥମତଃ ଅର୍ଥନୀତି ହେଉଛି ସମସ୍ତ ଅର୍ଥନୈତିକ କାର୍ଯ୍ୟକଳାପର ନାଭିକେନ୍ଦ୍ରରେ ଥିବା ମଣିଷର ଅଧ୍ୟୟନ । ଅନ୍ୟ ଅର୍ଥରେ ଏହା ସମ୍ପଦ ସଂଗ୍ରହ (ରୋଜଗାର) ଏବଂ ବିନିଯୋଗ ସଂକ୍ରାନ୍ତରେ ମାନବିକ କାର୍ଯ୍ୟକ୍ରମର ଅଧ୍ୟୟନ ଅଟେ । ଦ୍ୱିତୀୟରେ ଏହା ମଣିଷ ଜୀବନର ଏକ ସ୍ୱତନ୍ତ୍ର ଦିଗ ସହ ଜଡ଼ିତ ଅର୍ଥାତ୍ ଜୀବନର ସାଧାରଣ କାରବାର । ଜୀବନର ସାଧାରଣ କାରବାର ଅର୍ଥ ହେଲା ମଣିଷ କିପରି ତା'ର ଜୀବନ ଧାରଣର ଆବଶ୍ୟକତା ପ୍ରାପ୍ତ କରେ ଏବଂ ତାହାକୁ ବିନିଯୋଗ କରିଥାଏ । ଜୀବନର ସାଧାରଣ କାରବାର ପରି ମଣିଷ ଜୀବନର ଆହୁରି ଅନେକ ଦିଗ- ସାମାଜିକ, ରାଜନୈତିକ ଇତ୍ୟାଦି ରହିଛି । ତୃତୀୟରେ ଅର୍ଥନୀତିର ପ୍ରାଥମିକ ସାଧନ ହେଲା ଭୌତିକ କଲ୍ୟାଣର ପ୍ରସାର । ଏହା ଉଲ୍ଲେଖଯୋଗ୍ୟ ଯେ ଅର୍ଥନୀତି ସାମଗ୍ରିକ ଭାବରେ ମାନବିକ କଲ୍ୟାଣ ନୁହେଁ, ଆଂଶିକ ଭାବରେ ଅର୍ଥାତ୍ ଭୌତିକ କଲ୍ୟାଣ (ଭୌତିକ ସାଧନ ବ୍ୟବହାର ସମ୍ବନ୍ଧିତ କଲ୍ୟାଣ) ସହ ସଂଶ୍ଳିଷ୍ଟ । ମାର୍ଶାଲ୍ ଭୌତିକ କଲ୍ୟାଣକୁ ଅର୍ଥନୀତିର ପ୍ରମୁଖ ବିଷୟ ଭାବରେ ଗୁରୁତ୍ୱାରୋପ କରିଛନ୍ତି । କେତେକ ଅର୍ଥନୀତିଜ୍ଞ ମାର୍ଶାଲ୍‌ଙ୍କ ସଂଜ୍ଞାକୁ କପୋଳକଳ୍ପିତ କହି ସମାଲୋଚନା କରିଛନ୍ତି । ଏହା ଜୀବନର ସାଧାରଣ କାରବାରରେ ସାମିଲ ବସ୍ତୁ/କାର୍ଯ୍ୟକ୍ରମକୁ ସାମିଲ କରୁନଥିବା ସେମାନେ ଦର୍ଶାଇଛନ୍ତି । ମାର୍ଶାଲ୍‌ଙ୍କ ଅର୍ଥନୀତି ସଂକ୍ରାନ୍ତ ଧାରଣା କେବଳ ଭୌତିକ ସାମଗ୍ରୀ ସହ ସମ୍ବନ୍ଧିତ । ମାତ୍ର ମାର୍ଶାଲ୍‌ଙ୍କ ସଂଜ୍ଞାରେ ଅଣଭୌତିକ ସାମଗ୍ରୀ ସଂଗ୍ରହର ସ୍ଥାନ ନାହିଁ; ଯାହା ଅର୍ଥନୀତି ଅଧ୍ୟୟନ ଅନ୍ତର୍ଗତ ବୋଲି ରବିନ୍ସ କହିଛନ୍ତି । ଆହୁରି ମଧ୍ୟ ରବିନ୍ସ ସମାଲୋଚନା କରିଛନ୍ତି, ଅର୍ଥନୀତି କଲ୍ୟାଣର ଅଧ୍ୟୟନ ନୁହେଁ । ଏହାର କାରଣ ହେଲା ସମସ୍ତ ଅର୍ଥନୈତିକ କାର୍ଯ୍ୟକ୍ରମକୁ କଲ୍ୟାଣ ବୃଦ୍ଧି କରିନଥାନ୍ତି । କ୍ଷତିକାରକ ବସ୍ତୁ ଯେମିତିକି ସିଗାରେଟ୍, ମଦ ଇତ୍ୟାଦି ଅର୍ଥନୀତି ଅଧୀନରେ ଅଧ୍ୟୟନ କରାଯାଉଥିଲେ ହେଁ ସେଗୁଡ଼ିକ କଲ୍ୟାଣ ସାଧନ କରିନଥାନ୍ତି । ଏଣୁ କଲ୍ୟାଣ ଏକ ଆପେକ୍ଷିକ ବିଷୟ ଯାହା ଭିନ୍ନ ବ୍ୟକ୍ତି ଓ ସ୍ଥିତି କ୍ଷେତ୍ରରେ ଭିନ୍ନଭିନ୍ନ ହୋଇଥାଏ ।

### ଲିଓନେଲ୍ ରବିନ୍ସଙ୍କ ସ୍ୱଳ୍ପତା ଓ ଚୟନର ପନ୍ଥା

ଅର୍ଥନୀତି ଅଧ୍ୟୟନ ପାଇଁ ଲିଓନେଲ୍ ରବିନ୍ସଙ୍କ ପନ୍ଥା ଆଡାମ୍ ସ୍ମିଥ୍ ଓ ମାର୍ଶାଲ୍‌ଙ୍କ ତୁଳନାରେ ଅଧିକ ମାର୍ଜିତ ଓ ସଂକ୍ଷିପ୍ତ । ରବିନ୍ସ ୧୯୩୧ରେ ଅର୍ଥନୀତି ସଂକ୍ରାନ୍ତରେ 'An essay on the Nature and significance of Economics Science' ନାମରେ ଏକ ପ୍ରସିଦ୍ଧ ପୁସ୍ତକ ରଚନା କରିଥିଲେ । ଏହି ପୁସ୍ତକରେ ଅର୍ଥନୀତିକୁ ସ୍ୱଳ୍ପତା ଓ ଚୟନର ବିଜ୍ଞାନ ବୋଲି ରବିନ୍ସ ସଂଜ୍ଞାନିର୍ଦ୍ଧାରଣ କରିଛନ୍ତି । ରବିନ୍ସଙ୍କ ଅନୁସାରେ, ' ଅର୍ଥନୀତି ହେଉଛି ଏପରି ଏକ ବିଜ୍ଞାନ ଯାହା ଅସୀମ ଅଭାବ ଓ ବିକଳ୍ପ ବ୍ୟବହାରକ୍ଷମ ସୀମିତ ସମ୍ବଳ ମଧ୍ୟରେ ଥିବା ସମ୍ପର୍କ ପରିପ୍ରେକ୍ଷୀରେ ମଣିଷର ଆଚରଣକୁ

ଟିପ୍ପଣୀ

ଅଧ୍ୟୟନ କରିଥାଏ'। ରବିନ୍ସଙ୍କ ପନ୍ଥା ନିମ୍ନଲିଖିତ ସିଦ୍ଧାନ୍ତ ଉପରେ ପର୍ଯ୍ୟବଶିତ:-

୧-ମାନବର ଇଚ୍ଛା ଅସୀମିତ

୨-ଚାହିଦା ଅନୁସାରେ ସମ୍ବଳ ସୀମିତ /ସ୍ୱଳ୍ପ

୩-ସମ୍ବଳର ବିଭିନ୍ନ ବିକଳ୍ପ ବିନିଯୋଗ ରହିଛି

୪-ସେବା ଓ ସାମଗ୍ରୀ ମଙ୍ଗଳ କରିବା ବା ନକରିବା ଅର୍ଥନୀତିର ଦାୟିତ୍ୱ ନୁହେଁ। ଅର୍ଥନୀତି ସେସବୁ( ସାମଗ୍ରୀ ଓ ସେବା)କୁ ଅଧ୍ୟୟନ କରେ ଯଦି ସେମାନେ ମାନବ ଇଚ୍ଛାକୁ ପୂରଣ କରୁଥାନ୍ତି।

୫- ବିଭିନ୍ନ ଇଚ୍ଛା ପୂରଣ ପାଇଁ ସମାଜରେ ଉପଲବ୍ଧ ସମ୍ବଳ କିପରି ଭାବରେ ଆବଣ୍ଟିତ ହୋଇଥାଏ ତାହା ଅର୍ଥନୀତିର ପରିସରଭୁକ୍ତ।

ରବିନ୍ସଙ୍କ ପନ୍ଥାକୁ ବିଭିନ୍ନ ଭାବରେ ସମାଲୋଚନା କରାଗଲା। ରବିନ୍ସ ମାର୍ଶାଲଙ୍କ ଜନମଙ୍ଗଳ ସଂଜ୍ଞାକୁ ସମାଲୋଚନା କରିଥିଲେ; ମାତ୍ର ରବିନ୍ସଙ୍କ ସଂଜ୍ଞାରେ ଜନକଲ୍ୟାଣ ଭାବନା ନିହିତ ଥିବା ଯତ୍ନପୂର୍ବକ ଅନୁଧ୍ୟାନ କଲେ ଜଣାପଡ଼ିଥାଏ। ରବିନ୍ସଙ୍କ ମତରେ ସମ୍ବଳର ଆବଣ୍ଟନ ଏପରି ହେବା ଉଚିତ ଯେଉଁଥିରେ ସର୍ବାଧିକ ସନ୍ତୋଷ ମିଳିପାରିବ। ଅନେକ କ୍ଷେତ୍ରରେ ସର୍ବାଧିକ ସନ୍ତୁଷ୍ଟି ଅର୍ଥ କଲ୍ୟାଣ। ଆହୁରି ମଧ୍ୟ ରବିନ୍ସଙ୍କ ପନ୍ଥା ସାମ୍ପ୍ରତିକ ସମୟରେ ଗୁରୁତ୍ୱପୂର୍ଣ୍ଣ ଥିବା ଅର୍ଥନୈତିକ ଅଭିବୃଦ୍ଧ ଓ ବିକାଶକୁ ହିସାବକୁ ନେଉନାହିଁ।

**ସାମୁଏଲସନ୍‌ଙ୍କ ଅଭିବୃଦ୍ଧି ପନ୍ଥା**

ଆଧୁନିକ ଅର୍ଥନୀତିଜ୍ଞ ସାମୁଏଲସନ୍ ଅର୍ଥନୀତିର ଏକ ବିକାଶୋନ୍ମୁଖୀ ପରିଭାଷା ପ୍ରଦାନ କରିଛନ୍ତି। ତାଙ୍କ ମତରେ, " ଅର୍ଥନୀତି ହେଲା ଲୋକମାନେ ଓ ସମାଜ କିପରି ଭାବରେ ଟଙ୍କାର ବ୍ୟବହାର କରି ବା ନକରି ବିକଳ୍ପ ବ୍ୟବହାରକ୍ଷମ ସ୍ୱଳ୍ପ ସମ୍ବଳକୁ ଏବେ ଓ ଭବିଷ୍ୟତରେ ବିଭିନ୍ନ ଉତ୍ପାଦର ଉତ୍ପାଦନ ଓ ଲୋକ ଓ ସମାଜ ମଧ୍ୟରେ ବିନିଯୋଗ ପାଇଁ ବଣ୍ଟନ କରିବାକୁ ବାଛିଥାନ୍ତି। ଏହା ସମ୍ବଳ ବଣ୍ଟନର ପରିବ୍ୟୟ ଓ ଲାଭର ପ୍ରକାରକୁ ଅନୁଧ୍ୟାନ କରେ। ଏହି ସଂଜ୍ଞାରୁ ନିମ୍ନଲିଖିତ ବିଶେଷତ୍ୱଗୁଡ଼ିକ ବାହାର କରାଯାଇ ପାରେ:-

୧-ଉତ୍ପାଦନକ୍ଷମ ସମ୍ବଳର ଅଭାବକୁ ସାମୁଏଲସନ୍ ଗୁରୁତ୍ୱ ଦେଇଛନ୍ତି; ତାହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିଥାଏ।

୨-ଅର୍ଥନୀତି ବିଭିନ୍ନ ନିଅଣ୍ଟିଆ ସମ୍ବଳର ବ୍ୟବହାର ଓ ଆବଣ୍ଟନ ସହ ସମ୍ବନ୍ଧିତ ସମସ୍ୟାର ଅନୁଧ୍ୟାନ କରେ।

୩-ଏହା ଉଭୟ ନିଅଣ୍ଟ ଓ ଅଭିବୃଦ୍ଧିକୁ ବିଚାରକୁ ନେଉଥିବାରୁ ଏହି ସଂଜ୍ଞା ରବିନ୍ସଙ୍କ ସଂଜ୍ଞାଠାରୁ ବ୍ୟାପକ।

୪-ଅର୍ଥନୈତିକ ପସନ୍ଦ ବାବଦକୁ ମଣିଷର ସମସ୍ୟା ଅନୁଧ୍ୟାନ କରିବାରେ ଏହା ଉଭୟ ଟଙ୍କା ଓ ବିନିମୟ ବ୍ୟବସ୍ଥାକୁ ସାମିଲ କରାଏ।

**୫.୩.୩ ସମାଜବିଜ୍ଞାନ/ସମାଜତତ୍ତ୍ୱକୁ ବୁଝିବାରେ ସମାଜବିଜ୍ଞାନୀମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପନ୍ଥା ସମୂହ**

ସମାଜବିଜ୍ଞାନ /ସମାଜତତ୍ତ୍ୱ ଅର୍ଥ ସମାଜର ଅଧ୍ୟୟନ। ସମାଜର ବିଭିନ୍ନ ଦିଗ ଯଥା- ସାମାଜିକ ନୀତି, ନିୟମାବଳୀ, ପ୍ରକ୍ରିୟା, ମୂଲ୍ୟବୋଧ, ସଂରଚନା, କାର୍ଯ୍ୟ ଇତ୍ୟାଦିର ଅଧ୍ୟୟନ ହେଲା ସମାଜବିଜ୍ଞାନ। ମାତ୍ର ସମାଜକୁ ଅଧ୍ୟୟନ କରିବା ପାଇଁ ସମାଜବିଜ୍ଞାନୀମାନେ କୌଣସି ଗୋଟିଏ ପନ୍ଥା/ପ୍ରଣାଳୀ ବ୍ୟବହାର କରିନାହାନ୍ତି ବରଂ ସେମାନେ ଏହାକୁ ଅଧ୍ୟୟନ କରିବା ପାଇଁ ଏକାଧିକ ପନ୍ଥା ବ୍ୟବହାର କରିଛନ୍ତି। ପ୍ରତ୍ୟେକ ପନ୍ଥାର ନିଜସ୍ୱ କ୍ଷମତା ଓ ସୀମିତତା ସମାଜକୁ ଅଧ୍ୟୟନ କରିବାର ପ୍ରସଙ୍ଗ ଉପରେ ନିର୍ଭର କରେ। ଏଠାରେ ତୁମେ ସମାଜକୁ ବୁଝିବା ପାଇଁ ସମାଜବିଜ୍ଞାନୀମାନେ ବ୍ୟବହାର କରୁଥିବା କେତେକ ଗୁରୁତ୍ୱପୂର୍ଣ୍ଣ/ପ୍ରମୁଖ ପନ୍ଥା/ପ୍ରଣାଳୀ ବିଷୟରେ ତୁମେ ଶିକ୍ଷାଲାଭ କରିବ।

**ଐତିହାସିକ ପନ୍ଥା**

ସମାଜବିଜ୍ଞାନର ପ୍ରତିଷ୍ଠାତା ଅଗଷ୍ଟ କମ୍ତେ, ହାର୍ବର୍ଟ୍ ସ୍ପେନ୍‌ସର ଏବଂ କାର୍ଲ ମାର୍କସ ପ୍ରମୁଖ ସମାଜକୁ ଅଧ୍ୟୟନ କରିବା ପାଇଁ ଏହି ପନ୍ଥାକୁ ବହୁଳ ଭାବରେ ବ୍ୟବହାର କରିଛନ୍ତି। ସାମ୍ପ୍ରତିକ ସମୟରେ ସମାଜବିଜ୍ଞାନୀ ହଥୋସ୍,ୱେଷ୍ଟରମାର୍କ ଏବଂ ଏଫ୍

ଟିପ୍ପଣୀ

ଓପେନ୍‌ହେମର୍ ଦୃଢ଼ ଭାବରେ ଏହି ପନ୍ଥାକୁ ସମର୍ଥନ କରନ୍ତି । ଐତିହାସିକ ପନ୍ଥା ଅନୁସାରେ,"ସମସାମୟିକ ସମାଜର ମୂଳ ବା ପୂର୍ବସ୍ଥିତି ଖୋଜିବା ଏବଂ ଏହାର ସ୍ୱରୂପ ଓ କାର୍ଯ୍ୟକ୍ରମକୁ ବୁଝିବା ପାଇଁ ପ୍ରାକ୍ ସମାଜର ଘଟଣାବଳୀ, ପ୍ରକ୍ରିୟା ଓ ଅନୁଷ୍ଠାନର ଅଧ୍ୟୟନ ହିଁ ସମାଜବିଜ୍ଞାନ" । ଐତିହାସିକ ସମାଜବିଜ୍ଞାନ (ଐତିହାସିକ ପନ୍ଥା ଆଧାରିତ ସମାଜବିଜ୍ଞାନ) ଆମ ସାମ୍ପ୍ରତିକ ଜୀବନଶୈଳୀର ମୂଳ ଆବିଷ୍କାର ଏବଂ ଏହାର ବ୍ୟାଖ୍ୟାନ ପାଇଁ ଅତୀତର ସମାଜ ଓ ସାମ୍ପ୍ରତିକ ସମାଜକୁ ଅଧ୍ୟୟନ କରେ । ସମାଜ ଅଧ୍ୟୟନର ଐତିହାସିକ ପନ୍ଥା ମୌଳିକତଃ ଦୁଇଟି ପ୍ରକାରକୁ ଅନୁସରଣ କରେ (୧)-ଐତିହାସିକ ପନ୍ଥା ଜୀବସୃଷ୍ଟିର ଜୈବିକ ତତ୍ତ୍ୱ  ଏବଂ (୨) ଅର୍ଥନୈତିକ ଉପସ୍ଥାପନ ଦ୍ୱାରା ପ୍ରଭାବିତ । ପ୍ରଥମ ପନ୍ଥା ସମାଜର ଆରମ୍ଭ ଏବଂ ବିକାଶ ଉପରେ କେନ୍ଦ୍ରିତ ହୋଇଛି । କମ୍‌ତେ ଏବଂ ସ୍ପେନ୍‌ସର ସମାଜକୁ ଅଧ୍ୟୟନ କରିବା ପାଇଁ ଏହି ପନ୍ଥାକୁ ବ୍ୟବହାର କରିଛନ୍ତି । ଦ୍ୱିତୀୟ ପନ୍ଥାକୁ ମାକ୍‌ସ ୱେବର୍ ପୁଞ୍ଜିବାଦର ସୃଷ୍ଟି, ଆଧୁନିକ ଅମଲାତନ୍ତ୍ରର ବିକାଶ ଏବଂ ବିଶ୍ୱ ଧର୍ମର ଅର୍ଥନୈତିକ ପ୍ରଭାବ ଅଧ୍ୟୟନ ପାଇଁ ବ୍ୟବହାର କରିଛନ୍ତି ।

### ତୁଳନାତ୍ମକ ପନ୍ଥା

ତୁଳନାତ୍ମକ ପନ୍ଥା ଅନାବଶ୍ୟକ କାରକକୁ ଦୂରେଇବା ଓ ଆବଶ୍ୟକ କାରକଗୁଡ଼ିକୁ ପାଇବା ପାଇଁ ସାମାଜିକ ଘଟଣାବଳୀରେ ଯୁକ୍ତିସଂଗତ ସିଦ୍ଧାନ୍ତକୁ ବ୍ୟବହାର/ପ୍ରୟୋଗ କରେ । ସମାଜବିଜ୍ଞାନ କ୍ଷେତ୍ରରେ ତୁଳନାତ୍ମକ ପନ୍ଥା ଏକ ଉପଯୁକ୍ତ ସ୍ଥିରୀକରଣରେ ପହଞ୍ଚିବା ପାଇଁ ଅତୀତ ବା ବର୍ତ୍ତମାନର ସମାଜ ଓ ଅନୁଷ୍ଠାନକୁ ଚୟନ, ତୁଳନା ଏବଂ ବିତାଡ଼ନ  ପ୍ରକ୍ରିୟା ଜରିଆରେ ଅଧ୍ୟୟନ କରେ । ସାଧାରଣ ଐତିହାସିକ, ରାଜନୈତିକ ଓ ଆହୁରି ଅନେକ ବୈଶିଷ୍ଟ୍ୟ ଥିବା ସମସାମୟିକ ସମାଜ ମଧ୍ୟରେ ତୁଳନା କରାଯାଏ । ପ୍ରାକୃତିକ ବିଜ୍ଞାନରେ ବୈଜ୍ଞାନିକମାନେ ପରୀକ୍ଷଣ ଦ୍ୱାରା କାରଣ ସ୍ଥାପନ କରିଥାନ୍ତି । ମାତ୍ର ସାମାଜିକ ବ୍ୟବସ୍ଥାରେ ପରୀକ୍ଷଣ ପ୍ରାୟତଃ ସମ୍ଭବ ହୋଇନଥାଏ । ଏଣୁ ସମାଜବିଜ୍ଞାନୀମାନେ କାରଣ ଓ ପ୍ରଭାବ ସମ୍ପର୍କ ଏକସଙ୍ଗେ ଉପସ୍ଥିତ ବା ଅନୁପସ୍ଥିତ ଥିବା ଦୁଇଟି ଘଟଣାବଳୀକୁ ପରୀକ୍ଷାନିରୀକ୍ଷା କରିଥାନ୍ତି । ତେଣୁ ନିର୍ଦ୍ଦିଷ୍ଟ କିଛି ସାମାଜିକ ଘଟଣାବଳୀ କିପରି ପରସ୍ପର ସହ ବାରମ୍ବାର ସମନ୍ୱିତ ହୋଇଥାନ୍ତି ବା ନିୟମିତ ବ୍ୟବଧାନରେ ଘଟିଥାନ୍ତି ସମାଜବିଜ୍ଞାନ କ୍ଷେତ୍ରରେ ତୁଳନାତ୍ମକ ପନ୍ଥା ଦର୍ଶାଏ । ଦରଖେମ୍, ମାକ୍ସ ୱେବର୍ ଏବଂ ଆହୁରି ଅନେକ ସମାଜବିଜ୍ଞାନୀ ସମାଜର ଘଟଣାବଳୀ ଅଧ୍ୟୟନ ପାଇଁ ଏହି ପନ୍ଥାକୁ ଏକାଧିକବାର ପ୍ରୟୋଗ ଓ ବ୍ୟବହାର କରିଛନ୍ତି । ଉଦାହରଣ ସ୍ୱରୂପ, ସାମାଜିକ ସମ୍ପର୍କର ମାତ୍ରା ଅନୁସାରେ ଆତ୍ମହତ୍ୟା ହାରର ପରୋକ୍ଷ ସମ୍ପର୍କ ରହିଥିବା ଦର୍ଶାଇବା ପାଇଁ ଦରଖେମ୍ ବିଭିନ୍ନ ସମାଜ ଓ ଗୋଟିଏ ସମାଜରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଆତ୍ମହତ୍ୟା ହାରକୁ ତୁଳନା କରିଛନ୍ତି ।

### ବ୍ୟବହାରଦର୍ଶୀ/କର୍ମବାଦ ପନ୍ଥା

ଆଧୁନିକ ସାମାଜିକ ଯୁକ୍ତିସଂଗତ ତତ୍ତ୍ୱ ପ୍ରବର୍ତ୍ତନ ଉପରେ ବ୍ୟବହାରଦର୍ଶୀ/କର୍ମବାଦ ପନ୍ଥାର ଗଭୀର ପ୍ରଭାବ ରହିଛି । ଏହି ପନ୍ଥା ବାସ୍ତବରେ ସ୍ପଷ୍ଟ ପନ୍ଥାଗୁଡ଼ିକ ମଧ୍ୟରେ କ୍ରିୟାପ୍ରତିକ୍ରିୟାର ଫଳାଫଳ ଅଟେ । ବାସ୍ତବରେ, ବ୍ୟବହାରଦର୍ଶୀ ପନ୍ଥା ଅନୁସନ୍ଧାନ ତୁଳନାରେ ଉପସ୍ଥାପନ ପଦ୍ଧତି ଭାବରେ ଅଧିକ ଗ୍ରହଣୀୟ । ବ୍ୟବହାରଦର୍ଶୀ ପନ୍ଥା ଅନୁସାରେ ସମାଜ ଅଧ୍ୟୟନ କହିଲେ, " ସମାଜ/ସାମାଜିକ ଘଟଣାବଳୀ( କିମ୍ବା ସମାଜ/ସାମାଜିକ ଘଟଣାବଳୀର ଉପାଦାନ)ର କାର୍ଯ୍ୟ ଦୃଷ୍ଟିରୁ ସମାଜ/ସାମାଜିକ ଘଟଣାବଳୀର ଅଧ୍ୟୟନ ଅଟେ" । ଏକ ବ୍ୟବସ୍ଥା (ବା ଏହାର ଉପାଦାନ)ର କାର୍ଯ୍ୟାବଳୀ କହିଲେ , ଏକ ସୁସ୍ଥ ବ୍ୟବସ୍ଥା ବଜାୟ ରଖିବା ପାଇଁ ସମ୍ପାଦନ କରାଯାଉଥିବା କାର୍ଯ୍ୟକ୍ରମକୁ ବୁଝାଏ । ଏକ ବ୍ୟବସ୍ଥା ଏହାର ଅନେକ ଅଂଶବିଶେଷ ଉପରେ ଆଧାରିତ ଭାବଧାରା ଉପରେ ଏହି ପଦ୍ଧତି ଆଧାରିତ ଅଟେ । ବ୍ୟବସ୍ଥାର ପ୍ରତ୍ୟେକ ଅଂଶ ପରସ୍ପର ସହ ସମ୍ବନ୍ଧିତ । ବ୍ୟବସ୍ଥାର ଏକ ଅଂଶର କାର୍ଯ୍ୟ ବ୍ୟବସ୍ଥାର ଅନ୍ୟ ଅଂଶର କାର୍ଯ୍ୟାବଳୀରୁ ବୁଝିହୋଇଥାଏ । ସେହିପରି, ଯଦି ସମାଜ ଏକ ବ୍ୟବସ୍ଥା, ତେବେ ଏହାର ଅଂଶଗୁଡ଼ିକ ହେଲା ଧର୍ମ, ଅର୍ଥନୀତି, ରାଜନୀତି ଇତ୍ୟାଦି । ଯଦି ଜଣେ ବ୍ୟବହାରଦର୍ଶୀ ଆଭିମୁଖ୍ୟ ନେଇ ସମାଜକୁ ଅଧ୍ୟୟନ କରିବେ, ତେବେ ସେ ସମାଜର ଅନ୍ୟ ଅଂଶ ଯଥା-ଧର୍ମ, ଅର୍ଥନୀତି ଓ ରାଜନୀତି ଆଦିର ସମ୍ବନ୍ଧିତ କାର୍ଯ୍ୟକୁ ମଧ୍ୟ ବୁଝିବା ଆବଶ୍ୟକ । ଅଗଷ୍ଟ କମ୍‌ତେ ଏବଂ ହାର୍‌ବର୍ଟ ସ୍ପେନ୍‌ସ ସମାଜକୁ ବ୍ୟବହାରଦର୍ଶୀ ଦିଗରେ ଅଧ୍ୟୟନ କରିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସମାଜର ଘଟଣାବଳୀ ଅଧ୍ୟୟନ କରିବା ପାଇଁ ଏହି ପନ୍ଥାକୁ ବ୍ୟବହାର କରିବାରେ ଦରଖେମ୍ ସିଦ୍ଧହସ୍ତ ଥିଲେ । ରେଡ୍‌କ୍ଲିଫ୍ ବ୍ରାଉନ୍ ଏବଂ ମାଲିନୋସ୍କିଙ୍କ ପରି ସମାଜବିଜ୍ଞାନୀମାନେ ସାମାଜିକ ଘଟଣାବଳୀ ଅଧ୍ୟୟନରେ ଏହି ପନ୍ଥାକୁ ପ୍ରଶଂସା କରିଛନ୍ତି ।

### ପରିସଂଖ୍ୟାନ ପନ୍ଥା

ସପ୍ତଦଶ ଶତାବ୍ଦୀର ଆରମ୍ଭରୁ ପରିସଂଖ୍ୟାନ ପନ୍ଥା ସାମାଜିକ ଘଟଣାବଳୀ ଅଧ୍ୟୟନ ପାଇଁ ବ୍ୟବହାର କରାଯାଇ ଆସୁଛି ।

ଟିପ୍ପଣୀ

ସାମାଜିକ ଘଟଣାବଳୀକୁ ପରିମାଣଗତ(ସାଂଖ୍ୟିକ) ଓ ବସ୍ତୁଗତ ଭାବରେ ଅଧ୍ୟୟନ କରିବା ପାଇଁ ଏହି ପନ୍ଥା ବ୍ୟବହୃତ । ଜନ୍ମ ଓ ମୃତ୍ୟୁ, ବିବାହବିଚ୍ଛେଦ, ଅପରାଧ, ଦେଶାନ୍ତର, ଅର୍ଥନୈତିକ ସ୍ଥିତି, ଜନମତ ଇତ୍ୟାଦି ସାମାଜିକ ସମସ୍ୟା ଏହି ପନ୍ଥା ଜରିଆରେ ସୁନ୍ଦର ଭାବରେ ଅଧ୍ୟୟନ ହୋଇପାରୁଛି । ସାମାଜିକ ଘଟଣାବଳୀର ବିଭିନ୍ନ ଦିଗ ମଧ୍ୟରେ ସମ୍ପର୍କକୁ ପରିପ୍ରକାଶ କରିବା ପାଇଁ ଏହି ପନ୍ଥା ଅଧିକ ବ୍ୟବହୃତ ହୋଇଥାଏ । ଏହା ସତ୍ୟ ଯେ ଅଧିକାଂଶ ସାମାଜିକ ତଥ୍ୟ ସାଂଖ୍ୟିକ, ତଥାପି ଏହାକୁ ପରିସଂଖ୍ୟାନ ପନ୍ଥାର ଅର୍ଥପୂର୍ଣ୍ଣ ବ୍ୟବହାର ଜରିଆରେ ସେହିସବୁ ତଥ୍ୟକୁ ପରିମାଣଗତ ଓ ବସ୍ତୁଗତ କରିବା ପାଇଁ ସମାଜବିଜ୍ଞାନୀମାନେ ପ୍ରଚେଷ୍ଟା ଚଳାଇଛନ୍ତି । ଗିଡିଙ୍ଗ୍‌ସ ଏବଂ ଆହୁରି ଅନେକ ସମାଜବିଜ୍ଞାନୀ ସାମାଜିକ ଗବେଷଣାରେ ଏହି ପଦ୍ଧତିର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି ।

**ନିଜ ଅଗ୍ରଗତିର ଆକଳନ କର-୨**

ପ୍ରଶ୍ନ: ଅର୍ଥନୀତି ଅଧ୍ୟୟନ ପାଇଁ ରବିନ୍‌ସଙ୍କ ସ୍ୱଚ୍ଛତା ଓ ଚୟନ ପନ୍ଥାର ସ୍ୱତନ୍ତ୍ର ବୈଶିଷ୍ଟ୍ୟଗୁଡ଼ିକ କ'ଣ ?

------------------------------------------------------------------------------------
------------------------------------------------------------------------------------
------------------------------------------------------------------------------------
------------------------------------------------------------------------------------
------------------------------------------------------------------------------------
------------------------------------------------------------------------------------
------------------------------------------------------------------------------------

## ୫.୪. ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଅଂଶ ଭାବରେ ସାମାଜିକ ଓ ରାଜନୈତିକ ଜୀବନର ଗୁରୁତ୍ୱ

ପିଲାମାନଙ୍କୁ ସମାଜର ସାମାଜିକ-ସାଂସ୍କୃତିକ ବ୍ୟବସ୍ଥା ସମ୍ପର୍କରେ ପରିଚିତ କରାଇବା ଏବଂ ସାମାଜିକ ବାସ୍ତବତାକୁ ସାମ୍ନା କରିବା ଲକ୍ଷ୍ୟରେ ସାମାଜିକ ବିଜ୍ଞାନ ବିଷୟକୁ ଆମ ବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ କରାଯାଇଛି । ପିଲାମାନଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ମୌଳିକ ଗୁଣ, ଦକ୍ଷତା ଏବଂ ମୂଲ୍ୟବୋଧ ବିକଶିତ କରିବା ଏହାର ଲକ୍ଷ୍ୟ; ଯାହା ଫଳରେ ସେମାନେ ସମାଜର ବିଭିନ୍ନ ପ୍ରକାର ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ତଥା ଅନ୍ୟ ସେହି ଧରଣର ସମସ୍ୟାର ସମାଧାନ କରିପାରିବେ । ଏହି ବିଷୟ ଗଣତନ୍ତ୍ରିକ ସମାଜରେ ଜଣେ ପ୍ରଭାବୀ ସଦସ୍ୟ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିଥାଏ ।

ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ତିନିଟି ଶିକ୍ଷଣ ଶିକ୍ଷାଦାନ କ୍ଷେତ୍ର ଯଥା-ଇତିହାସ, ଭୂଗୋଳ ଏବଂ ସାମାଜିକ ଓ ରାଜନୈତିକ ଜୀବନ ସାମିଲ । ଏବେ ତୁମେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଅଂଶଭାବରେ ସାମାଜିକ ଓ ରାଜନୈତିକ ଜୀବନର ଗୁରୁତ୍ୱ ବିଷୟରେ ଜାଣିବ ।

### ୫.୪.୧ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଅଂଶ ଭାବରେ ସାମାଜିକ ଓ ରାଜନୈତିକ ଜୀବନର ମହତ୍ୱ

ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ 'ନଗରବିଜ୍ଞାନ' ବଦଳରେ 'ସାମାଜିକ ଓ ରାଜନୈତିକ ଜୀବନ' ପ୍ରଚଳନ ବିଷୟରେ ପୂର୍ବରୁ ତୁମେ ପଢ଼ିଛ । ସମ୍ପ୍ରତି ଆମେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ 'ସାମାଜିକ ଓ ରାଜନୈତିକ ଜୀବନ'ର ମହତ୍ୱ ବିଷୟରେ ଆଲୋଚନା କରିବା ।

ଇତିହାସ ଓ ଭୂଗୋଳ ପରି 'ସାମାଜିକ ଓ ରାଜନୈତିକ ଜୀବନ' ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ପ୍ରମୁଖ ଆଭିମୁଖ୍ୟ ବହନ କରେ । ପିଲାମାନଙ୍କୁ ବିଭିନ୍ନ ସମୟରେ ସେମାନଙ୍କ ବୁଦ୍ଧିମନ୍ତ ଅତୀତ ସମ୍ପର୍କରେ ଅବଗତ କରାଇବା ପାଇଁ ଇତିହାସକୁ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ କରାଯାଇଥିଲାବେଳେ ପିଲାମାନଙ୍କୁ ସେମାନଙ୍କ ଚତୁପାର୍ଶ୍ୱର ଭୌତିକ, ପରିବେଶଗତ ଓ ସାମାଜିକ-ସାଂସ୍କୃତିକ ବୈଶିଷ୍ଟ୍ୟ ସମ୍ପର୍କରେ ସଚେତନ କରାଇବା ପାଇଁ ଭୂଗୋଳକୁ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି । ପିଲାମାନଙ୍କୁ ସେମାନଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଜୀବନର ବିଭିନ୍ନ ଦିଗ ବିଷୟରେ ସଚେତନ କରାଇବା ପାଇଁ ସାମାଜିକ ଓ ରାଜନୈତିକ ଜୀବନକୁ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି । ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ଓ ରାଜନୈତିକ ଜୀବନ ଶିକ୍ଷଣର ସାଧାରଣତଃ ନିମ୍ନ ଉଦ୍ଦେଶ୍ୟମାନ ରହିଛି:

-ଶିକ୍ଷାର୍ଥୀଙ୍କ ମଧ୍ୟରେ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ମୂଲ୍ୟବୋଧ ପ୍ରଚାର କରିବା

ଟିପ୍ପଣୀ

-ଦେଶପ୍ରେମ, ସହଯୋଗ ଏବଂ ଧୈର୍ଯ୍ୟ ଭାବନା ଶିକ୍ଷାର୍ଥୀଙ୍କ ମଧ୍ୟରେ ଉଦ୍ରେକ କରିବା

-ଶିକ୍ଷାର୍ଥୀମାନଙ୍କୁ ସମାଜର ଜଣେ ଭାଗିଦାର କରାଇବା

-ବିଭିନ୍ନ ବିବାଦୀୟ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସମସ୍ୟାର ସମାଧାନ କରିବାରେ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବା

-ଶିକ୍ଷାର୍ଥୀଙ୍କ ମଧ୍ୟରେ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ମୂଲ୍ୟବୋଧ ସୃଷ୍ଟି କରିବା

-ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପ୍ରତିଷ୍ଠାନ ସହ ଶିକ୍ଷାର୍ଥୀଙ୍କୁ ପରିଚିତ କରାଇବା

-ଶାନ୍ତି ଓ ବୁଝାମଣା ମୂଲ୍ୟବୋଧକୁ ଶିକ୍ଷାର୍ଥୀଙ୍କ ମଧ୍ୟରେ ପ୍ରସାର କରିବା ।

**ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ଏନ୍‌ସିଏଫ୍(୨୦୦୫)ର ପ୍ରଭାବ:**

*‘ ଉଚ୍ଚ ପ୍ରାଥମିକ ସ୍ତରରେ ସମାଜ ବିଜ୍ଞାନ ଏହାର ପ୍ରସଙ୍ଗ ସବୁକୁ ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଓ ଇତିହାସରୁ ଆନୀତ କରିବ । ଇତିହାସରେ ବିଶ୍ୱର ବିଭିନ୍ନ ଘଟଣାବଳୀ/ବିକାଶ ସହିତ ଭାରତର ବିଭିନ୍ନ ଭାଗର ବିକାଶ ସ୍ଥାନ ପାଇବ । ଭୂଗୋଳ ସ୍ଥାନୀୟରୁ ଆରମ୍ଭ କରି ବିଶ୍ୱ ସ୍ତରୀୟ ପରିବେଶ, ସମ୍ବଳ ଏବଂ ବିଭିନ୍ନ ସ୍ତରରେ ବିକାଶ ସମ୍ପର୍କିତ ପ୍ରସଙ୍ଗର ଏକ ସନ୍ତୁଳିତ ଆଭିମୁଖ୍ୟର ବିକାଶ କରିବାରେ ସାହାଯ୍ୟ କରିବ । ରାଜନୀତି ବିଜ୍ଞାନରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସ୍ତର ଯଥା- ସ୍ଥାନୀୟ, ରାଜ୍ୟ ଓ କେନ୍ଦ୍ର ସ୍ତରରେ ସରକାର ଗଠନ ଓ କାର୍ଯ୍ୟ ଏବଂ ଗଣତାନ୍ତ୍ରିକ ଭାଗିଦାରୀ ପ୍ରକ୍ରିୟା ସଂକ୍ରାନ୍ତରେ ପରିଚିତ ହେବେ । ଅର୍ଥନୀତି ଭାଗ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଅର୍ଥନୈତିକ ସଂସ୍ଥା ଯଥା- ପରିବା, ବଜାର ଓ ରାଜ୍ୟ ଗଠନ କରିବା ସମ୍ପର୍କରେ ସକ୍ଷମ କରାଇବ । ଏହି ସମସ୍ତ ବିଷୟ ପାଇଁ ଏକ ବହୁମୁଖୀ ପଦ୍ଧତି ମଧ୍ୟ ରହିବ’ ।*

***ସାମାଜିକ ବିଜ୍ଞାନ ଶିକ୍ଷଣ ପାଇଁ ଗଠିତ ନ୍ୟାସନାଲ ଫୋକସ୍ ଗ୍ରୁପ୍ ‘ସାମାଜିକ ଓ ରାଜନୈତିକ ଜୀବନ’ର ମୂଳାଧାରା ଓ ଉଦ୍ଦେଶ୍ୟଗୁଡ଼ିକୁ ନିମ୍ନମତେ ଉଲ୍ଲେଖ କରେ:***

*ମୂଳାଧାର*

*ପ୍ରାରମ୍ଭିକ ସ୍ତରରେ ଛାତ୍ରଛାତ୍ରୀଙ୍କୁ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଜୀବନର ବିଭିନ୍ନ ଦିଗ ସଂକ୍ରାନ୍ତରେ ପରିଚିତ କରାଇବା ଏହାର ଧାରଣା ଅଟେ । ଭାରତୀୟ ଗଣତନ୍ତ୍ରର କାର୍ଯ୍ୟକାରିତା ବିଷୟରେ ବୁଝିବା ପାଇଁ ଆବଶ୍ୟକ ନିର୍ଦ୍ଦିଷ୍ଟ ପ୍ରମୁଖ ଧାରଣା ଓ ଜ୍ଞାନକୁ ଧ୍ୟାନରେ ରଖି ଏହା କରାଯିବ । ଏହି ସବୁ ଧାରଣାକୁ କାଳ୍ପନିକ କାହାଣୀ ବ୍ୟବହାର କରି ବ୍ୟାଖ୍ୟା କରାଯିବ ; ଯାହା ପିଲାମାନଙ୍କୁ ଏହି ସବୁ ଏବଂ ସେମାନଙ୍କ ଦୈନନ୍ଦିନ ଅଭିଜ୍ଞତା ସହ ଯୋଡ଼ିବ । ଭାରତୀୟ ଗଣତାନ୍ତ୍ରିକ ସଂରଚନାର ସମସ୍ତ ଦିଗକୁ ଏହି ସ୍ତରରେ ସାମିଲ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବରଂ ଯାହା ପିଲାମାନଙ୍କୁ ଚଳକ୍ଷମ ଏବଂ ପ୍ରଚଳିତ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜଣେ ଆଗ୍ରହୀ ନାଗରିକ ହେବାରେ ମୋଟାମୋଟି ଧାରଣା ଯୋଗାଇବ । ବାସ୍ତବ ଜୀବନକୁ ଆପଣେଇଥିବା ପ୍ରତିଷ୍ଠାନ ଓ ଧାରଣା ଉପରେ ଗୁରୁତ୍ୱାରୋପ ଦୈନନ୍ଦିନ ଜୀବନର ରାଜନୈତିକ ଓ ସାମାଜିକ ଆଭିମୁଖ୍ୟ ମଧ୍ୟରେ ଥିବା ଗୂଢ଼ ସମ୍ପର୍କ ଓ ଅର୍ଥନୈତିକ ନିଷ୍ପତ୍ତି ଗ୍ରହଣରେ ଏହି ଦୁଇଟି ପ୍ରଭାବକୁ ବୁଝିବାରେ ପିଲାମାନଙ୍କୁ ସକ୍ଷମ କରାଇବ ।*

ଉଦ୍ଦେଶ୍ୟ:

-ପାଠ୍ୟ ପୁସ୍ତକରେ ବର୍ଣ୍ଣିତ ସମସ୍ୟା ଏବଂ ଦୈନନ୍ଦିନ ଜୀବନର ସମସ୍ୟା ମଧ୍ୟରେ ସମ୍ପର୍କ ଯୋଡ଼ିବାରେ ପିଲାମାନଙ୍କୁ ସକ୍ଷମ କରାଇବା ।

-ଭାରତୀୟ ସମ୍ବିଧାନର ଆଦର୍ଶକୁ ପାଳନ କରିବା

-ଭାରତୀୟ ଗଣତନ୍ତ୍ର, ଏହାର କାର୍ଯ୍ୟ ଏବଂ ପ୍ରକ୍ରିୟା ସଂକ୍ରାନ୍ତରେ ପିଲାମାନେ ବାସ୍ତବ ଜ୍ଞାନଲାଭ କରିବା

-ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରସଙ୍ଗ ମଧ୍ୟରେ ରହିଥିବା ପାରସ୍ପରିକ ସମ୍ପର୍କକୁ ବୁଝିବାରେ ପିଲାଙ୍କୁ ସକ୍ଷମ କରାଇବା

-ସ୍ପଷ୍ଟ ସମସ୍ତ ଲିଙ୍ଗଗତ ପ୍ରସଙ୍ଗ/ସମସ୍ୟାର ସ୍ୱରୂପକୁ ଚିହ୍ନଟ କରିବା

-ଅବହେଳିତଙ୍କ ଦୃଷ୍ଟିରେ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରଗତିକୁ ସମୀକ୍ଷା ଓ ଉପସ୍ଥାପନ କରିବାର କୌଶଳ ହାସଲ କରିବା

-ସେମାନଙ୍କ ଦୈନନ୍ଦିନ ଜୀବନରେ ରାଜନୀତି କିପରି ପ୍ରଭାବିତ କରେ ତାହାକୁ ଚିହ୍ନିବା ।

### ୫.୪.୨ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସାମାଜିକ ଓ ରାଜନୈତିକ ଜୀବନ ଶିକ୍ଷଣର ଶୈକ୍ଷିକ ସିଦ୍ଧାନ୍ତ ସମୂହ

ସାମାଜିକ ଓ ରାଜନୈତିକ ଜୀବନ ଶିକ୍ଷଣ ପାଇଁ ମୌଳିକତଃ ପାରସ୍ପରିକ ଆଲୋଚନା ଓ ପ୍ରମାଣନ ଶୈକ୍ଷିକ ସ୍ଥିତି ଆବଶ୍ୟକ । ଶିକ୍ଷଣ ନିଶ୍ଚିତ ଭାବରେ ଶିକ୍ଷାର୍ଥୀଙ୍କ ବାସ୍ତବ ଜୀବନର ସ୍ଥିତି ସହ ସମ୍ବନ୍ଧିତ ହୋଇଥିବା ଆବଶ୍ୟକ । ସାମାଜିକ ଓ ରାଜନୈତିକ ଜୀବନ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାରେ ଶିକ୍ଷାର୍ଥୀଙ୍କ ସାଂସ୍କୃତିକ ଓ ସାମାଜିକ ପ୍ରସଙ୍ଗକୁ ଅଧିକ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ । ଏହାର ଶିକ୍ଷଣ ପାଇଁ ବ୍ୟବହୃତ ଶୈକ୍ଷିକ ସିଦ୍ଧାନ୍ତ ପିଲାମାନଙ୍କର ସୃଜନୀ, ଉତ୍ତମ ବୁଝିବା ଶକ୍ତି ଓ ସମସ୍ୟା ସମାଧାନ କରିବାର ଶକ୍ତିକୁ ସୁଗମ କରିବା ଆବଶ୍ୟକ । ଏହି ବିଷୟର ଶିକ୍ଷା ଶିକ୍ଷଣ ପରେ ଖେଳ, ମନୋରଞ୍ଜନ ଓ କାର୍ଯ୍ୟ ସମ୍ପାଦନକୁ ଗୁରୁତ୍ୱ ଦେବା ଉଚିତ । ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାର କେନ୍ଦ୍ରରେ ଶିକ୍ଷାର୍ଥୀଙ୍କୁ ରଖିବା ସହ ଏହା ଶିକ୍ଷାର୍ଥୀ କୈନ୍ଦ୍ରିକ  ହେବା ଆବଶ୍ୟକ ।

ସାମାଜିକ ଓ ରାଜନୈତିକ ଜୀବନର ଶିକ୍ଷଣ କିପରି ଭାବରେ କାର୍ଯ୍ୟକ୍ରମ କୈନ୍ଦ୍ରିକ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାକୁ ଅନୁସରଣ କରେ ତୁମେ ନିମ୍ନରେ ଅନୁଧ୍ୟାନ କର:-

**ଶିକ୍ଷଣ କାର୍ଯ୍ୟ -୧ (ଉତ୍ତମ ସାମାଜିକ ଅଭ୍ୟାସ ଉପରେ କାର୍ଯ୍ୟ ଆଧାରିତ ଶିକ୍ଷଣ)**

ଏହା ଏକ ଶ୍ରେଣୀକକ୍ଷ ଆଧାରିତ କାର୍ଯ୍ୟ । ଶିକ୍ଷାର୍ଥୀଙ୍କ ମଧ୍ୟରେ ଉତ୍ତମ ସାମାଜିକ ଅଭ୍ୟାସ ବିକାଶ କରିବା ଏବଂ ସେମାନଙ୍କ ମଧ୍ୟରେ ଥିବା ମନ୍ଦ ଅଭ୍ୟାସକୁ ଦୂରେଇବା ଏହି କାର୍ଯ୍ୟର ଉଦ୍ଦେଶ୍ୟ ଅଟେ । ଏହି କାର୍ଯ୍ୟର ସବିଶେଷ ତଥ୍ୟ ନିମ୍ନଲିଖିତ ଶିରୋନାମା/ବିନ୍ଦୁ ଅଧୀନରେ ପ୍ରଦାନ କରାଯାଇଛି ।

(କ) କାର୍ଯ୍ୟର ସଂକ୍ଷିପ୍ତ ବୃତ୍ତାନ୍ତ

| | |
|---|---|
| ଶ୍ରେଣୀ- | ଷଷ୍ଠ ସ୍ତର |
| ଶିକ୍ଷଣ କ୍ଷେତ୍ର- | ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସାମାଜିକ ଓ ରାଜନୈତିକ ଜୀବନ ବିଷୟ |
| ଶିକ୍ଷଣ ବିଷୟବସ୍ତୁ | ଉତ୍ତମ ସାମାଜିକ ଅଭ୍ୟାସ |
| ପ୍ରମୁଖ ଶିକ୍ଷଣ ଉଦ୍ଦେଶ୍ୟ | ଶିକ୍ଷାର୍ଥୀଙ୍କ ମଧ୍ୟରେ ଉତ୍ତମ ସାମାଜିକ ଅଭ୍ୟାସ ବିକାଶ କରିବା ଏବଂ ମନ୍ଦ ଅଭ୍ୟାସକୁ ଦୂରେଇବା |
| ଆବଶ୍ୟକ ସାମଗ୍ରୀ | ଉତ୍ତମ ସାମାଜିକ ଅଭ୍ୟାସ ଓ ମନ୍ଦ ସାମାଜିକ ଅଭ୍ୟାସ ସମ୍ପର୍କିତ କେତେକ ଛବି |
| କୌଶଳ | ଉପଯୁକ୍ତ ଛବି ନିକଟରେ ଠିକ୍ ବା ଭୁଲ୍ ଚିହ୍ନ ଦର୍ଶାଇବା |
| ମାଧ୍ୟମ | ବ୍ୟକ୍ତିଗତ |













ଟିପ୍ପଣୀ

(ଖ) ଅନୁସୃତ କାର୍ଯ୍ୟ

ଏହି କ୍ରିୟାକଳାପରେ ଶିକ୍ଷକ ଶିକ୍ଷାର୍ଥୀଙ୍କୁ ନିମ୍ନ ଭାବରେ ମାର୍ଗଦର୍ଶନ କରାଇବେ:

ପ୍ରିୟ ଶିକ୍ଷାର୍ଥୀ; ଉପର ବାକ୍ସରେ ଅନେକ ଛବି ପ୍ରଦତ୍ତ ହୋଇଛି । ସେହି ସମସ୍ତ ଚିତ୍ର ସମାଜରେ ଲୋକମାନେ ପ୍ରଦର୍ଶନ କରୁଥିବା କେତେକ ସାମାଜିକ ଅଭ୍ୟାସର ବିଶେଷତ୍ୱ ବହନ କରୁଛି । ଉତ୍ତମ ସାମାଜିକ ଅଭ୍ୟାସ ପ୍ରଦର୍ଶିତ କରୁଥିବା ଉପଯୁକ୍ତ ଛବି ନିକଟରେ ଠିକ୍ ଚିହ୍ନ ଓ ଖରାପ/ମନ୍ଦ ସାମାଜିକ ଅଭ୍ୟାସ ଦର୍ଶାଉଥିବା ଚିତ୍ର/ଛବି ଡାହାଣ ପାର୍ଶ୍ୱରେ ଭୁଲ୍ (ଛକ) ଚିହ୍ନ ଦିଅ ।

(ଗ) କାର୍ଯ୍ୟ ଆଧାରିତ ଶିକ୍ଷଣ ଦତ୍ତକାର୍ଯ୍ୟ

ଏହିସବୁ ଶିକ୍ଷଣ ଦତ୍ତ କାର୍ଯ୍ୟ ଶିକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ । ଏହିସବୁ ଶିକ୍ଷଣ ଦତ୍ତ କାର୍ଯ୍ୟ ସମ୍ପାଦନ ପାଇଁ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ନିମ୍ନମତେ ମାର୍ଗଦର୍ଶନ କରାଇବେ:

ନିମ୍ନରେ ତୁମ ପାଇଁ ଏକାଧିକ କାର୍ଯ୍ୟ ପ୍ରଦତ୍ତ ହୋଇଛି; ଯେଉଁଗୁଡ଼ିକ ବେଶ୍ ମଜାଦାର । ସେହିସବୁ କାର୍ଯ୍ୟକୁ ଶେଷ କର ଏବଂ ଆଲୋଚନା ଓ ପର୍ଯ୍ୟାଲୋଚନା ନିମନ୍ତେ ସେଗୁଡ଼ିକୁ ଦାଖଲ କର ।

୧-ଏକ କ୍ଷୁଦ୍ର କାହାଣୀ ପ୍ରସ୍ତୁତ କର ଏବଂ କାହାଣୀର ଶୀର୍ଷକ 'ଉତ୍ତମ ସାମାଜିକ ଅଭ୍ୟାସ' ରଖ

୨-ଖରାପ ସାମାଜିକ ଅଭ୍ୟାସର ମନ୍ଦ ପ୍ରଭାବ ସଂକ୍ରାନ୍ତରେ ଏକ ପ୍ରବନ୍ଧ ଲେଖ ।

୩- ଉତ୍ତମ ସାମାଜିକ ଅଭ୍ୟାସ ଉପରେ କେତେକ ପ୍ରାଚୀରପତ୍ର ପ୍ରସ୍ତୁତ କର ।

୪-ତୁମ ବିଦ୍ୟାଳୟ ପରିସରରେ ପ୍ରଦର୍ଶନ କରାଯାଉଥିବା ଖରାପ ଅଭ୍ୟାସର ତାଲିକା ପ୍ରସ୍ତୁତ କର ଏବଂ ସେସବୁ ସମ୍ପର୍କରେ ତୁମ ଶ୍ରେଣୀ ଶିକ୍ଷକଙ୍କୁ ଜଣାଅ ।

**ନିଜ ଅଗ୍ରଗତିର ଆକଳନ କର-୩**

ପ୍ରଶ୍ନ: ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ସାମାଜିକ ଓ ରାଜନୈତିକ ଜୀବନ ଆଭିମୁଖ୍ୟ ଶିକ୍ଷଣର ଶୈକ୍ଷିକ ସିଦ୍ଧାନ୍ତଗୁଡ଼ିକ କ'ଣ ହେବା ଉଚିତ ?

----------------------------------------------------------------------------

----------------------------------------------------------------------------

----------------------------------------------------------------------------

----------------------------------------------------------------------------

**୫.୫. ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସାମାଜିକ ଓ ରାଜନୈତିକ ଜୀବନ ଆଭୀମୁଖ୍ୟ ଶିକ୍ଷାଦାନ ପାଇଁ ପାଠ୍ୟଯୋଜନାର ବିକାଶ**

ସାମାଜିକ ବିଜ୍ଞାନ ପାଠ୍ୟକ୍ରମର'ସାମାଜିକ ଓ ରାଜନୈତିକ ଜୀବନ'ବିଷୟରେ ଏକ ପାଠ ଯୋଜନା ତୁମର ଶିକ୍ଷଣ ଓ ଆଲୋଚନା ପାଇଁ ନିମ୍ନରେ ପ୍ରଦାନ କରାଗଲା:

ଏହି ପାଠ ଯୋଜନା ଷଷ୍ଠ ଶ୍ରେଣୀ ସ୍ତରରେ 'ଭାରତରେ ବିଭିନ୍ନତା ଓ ଏକତା' ବିଷୟରେ ଶିକ୍ଷାଦାନ ପାଇଁ ପ୍ରସ୍ତୁତ କରାଯାଇଛି । ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାର ଗଠନାତ୍ମକ ପଦ୍ଧତି ଅନୁସରଣରେ ଏହି ପାଠ୍ୟଯୋଜନା ପ୍ରସ୍ତୁତ । ଶିକ୍ଷାର୍ଥୀଙ୍କ ପୂରା ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷକ ମାର୍ଗଦର୍ଶକ ଦାୟିତ୍ୱ ତୁଲାଇବେ । ନିମ୍ନଲିଖିତ ଶିରୋନାମାରେ ଯୋଜନାର ସବିଶେଷ ବିବରଣୀ ପ୍ରଦାନ କରାଯାଇଛି ।

**(କ) ଅଧ୍ୟାୟ/ପାଠର ବିଷୟବସ୍ତୁ**

| | |
|---|---|
| ଶ୍ରେଣୀ | ଷଷ୍ଠ ଶ୍ରେଣୀ ସ୍ତରର |
| ଶିକ୍ଷଣ ବିଷୟ | ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ 'ସାମାଜିକ ଓ ରାଜନୈତିକ ଜୀବନ' |
| ବିଷୟ | ଭାରତରେ ବିଭିନ୍ନତା ଓ ଏକତା |

ଟିପ୍ପଣୀ

ସମୟ ୧ ପିରିୟଡ୍

ଶିକ୍ଷଣ ପଦ୍ଧତି ଗଠନାତ୍ମକ/ସୃଜନାତ୍ମକ ପନ୍ଥା

(ଖ) ପାଠର ଶିକ୍ଷଣ ଉଦ୍ଦେଶ୍ୟ ସମୂହ

ଏହି ବିଷୟ ଅଧ୍ୟୟନ ପରେ ତୁମେ ଜାଣିପାରିବ-

-ଭାରତରେ ବିଦ୍ୟମାନ ଥିବା ବିଭିନ୍ନ ପ୍ରକାର ବିଭିନ୍ନତା/ବିବିଧତାର ଚିହ୍ନଟ କରିବା (ଉଦାହରଣ ସ୍ୱରୂପ ଧର୍ମୀୟ ବିଭିନ୍ନତା, ଜାତିଗତ ବିଭିନ୍ନତା, ଶ୍ରେଣୀଗତ ବିଭିନ୍ନତା) ।

-ଏହି ସବୁ ବିଭିନ୍ନତାର ସ୍ୱରୂପ ଓ କାରଣ ବ୍ୟାଖ୍ୟା ଜରିବା

-ଭାରତରେ ଭାରତୀୟଙ୍କ ମଧ୍ୟରେ ବିଭିନ୍ନତା କିପରି ଭାବରେ ଏକତା ଭାବରେ କାର୍ଯ୍ୟ କରେ ଜାଣିବା

-ଭାରତୀୟ ସାମାଜିକ-ସାଂସ୍କୃତିକ ମାନଚିତ୍ରରେ ବିବିଧ ବୈଶିଷ୍ଟ୍ୟକୁ ଠାବ କରିବା ଏବଂ

-ଭାରତ ପ୍ରସଙ୍ଗରେ ବିଭିନ୍ନତା ମଧ୍ୟରେ ଏକତାର ଏକ ପ୍ରକଳ୍ପ/ଯୋଜନା ପ୍ରସ୍ତୁତି କରିବା ।

(ଗ) **ଶିକ୍ଷଣ ପ୍ରଣାଳୀ**

ଶ୍ରେଣୀକକ୍ଷରେ ପ୍ରବେଶ କରିବା ପରେ ଶ୍ରେଣୀକକ୍ଷର ବ୍ୟବସ୍ଥା ଉପଯୁକ୍ତ ଭାବରେ ହୋଇଛି କି ନାହିଁ ଶିକ୍ଷକ ପ୍ରଥମେ ନିଶ୍ଚିତ ହେବା ଆବଶ୍ୟକ । ପ୍ରଥମେ ଶିକ୍ଷକ ଶ୍ରେଣୀରେ ଶୃଙ୍ଖଳା ବଜାୟ ରଖିବେ ଏବଂ ତତ୍ପରେ ପିଲାମାନଙ୍କୁ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାକୁ ନେଇଯିବା ପାଇଁ କିଛି ପ୍ରେରଣାଦାୟୀ କୌଶଳ ଅବଲମ୍ବନ କରିବେ । ଏହି ଶ୍ରେଣୀ ଶିକ୍ଷାଦାନ-ଶିକ୍ଷଣର ସୃଜନାତ୍ମକ/ଗଠନାତ୍ମକ ପଦ୍ଧତି ଅନୁସରଣ କରିବେ । ଶିକ୍ଷକ ଏହି ଶ୍ରେଣୀରେ ଯେଉଁସବୁ କାର୍ଯ୍ୟ ସମ୍ପାଦନ କରିବେ ତାହାର ସବିଶେଷ ବିବରଣୀ ନିମ୍ନ ଶୀର୍ଷକ ଜରିଆରେ ପ୍ରଦତ୍ତ ହୋଇଛି ।

(ଘ) **ବିଷୟ ସହିତ ପରିଚିତ କରିବା**

ସାମ୍ପ୍ରତିକ ଶିକ୍ଷଣ କାର୍ଯ୍ୟ ସଂକ୍ରାନ୍ତରେ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିବା ପାଇଁ ଶିକ୍ଷକ ସେମାନଙ୍କୁ କିଛି ଚିତ୍ର/ଛବି ଦେଖାଇବେ (ବାକ୍ସ-୧ରେ ପ୍ରଦତ୍ତ); ଯାହା ବିଭିନ୍ନ ପ୍ରକାର ଧର୍ମକୁ ଦର୍ଶାଉଛି । ତତ୍ପରେ ଶିକ୍ଷକ ଏହି ଚିତ୍ର ସମ୍ବନ୍ଧିତ ନିମ୍ନଲିଖିତ ପ୍ରଶ୍ନ କରିବେ:-








***ଶିକ୍ଷକଙ୍କ କାର୍ଯ୍ୟ***

ତୁମେମାନେ ଏହି ଚିତ୍ରଗୁଡ଼ିକ ମଧ୍ୟରେ ବିଭିନ୍ନତା ଲକ୍ଷ୍ୟ କରିପାରୁଛ କି ?

ଏହି ଚିତ୍ରଗୁଡ଼ିକ ପରସ୍ପର ମଧରେ କିପରି ଭାବରେ ଭିନ୍ନ (ପାର୍ଥକ୍ୟର ଆଧାର) ?

ଟିପ୍ପଣୀ

ଏହି ସବୁ ଚିତ୍ରଗୁଡ଼ିକ କୌଣସି ଗୋଟିଏ ଧର୍ମ ସହ ସମ୍ବନ୍ଧିତ କି ?

ଏହି ସମସ୍ତ ଧର୍ମ ଭାରତରେ ଦେଖିବାକୁ ମିଳେ କି ?

***ଶିକ୍ଷାର୍ଥୀଙ୍କ କାର୍ଯ୍ୟ***

ହଁ

ଧର୍ମ ହିଁ ବିଭିନ୍ନତାର ଆଧାର

ନା । ସେଗୁଡ଼ିକ ବିଭିନ୍ନ ଧର୍ମ ସହ ସମ୍ବନ୍ଧିତ

ହଁ

(ଙ) **ପ୍ରସଙ୍ଗର ଘୋଷଣା**

ଶିକ୍ଷାର୍ଥୀଙ୍କ ସହ ଉପର ଆଲୋଚନା ପରେ ଧର୍ମୀୟ ବିଭିନ୍ନତା ଭାରତର ମୁଖ୍ୟ ବୈଶିଷ୍ଟ୍ୟ ବୋଲି ଶିକ୍ଷକ କହିବେ । ଏହା ସହିତ ଭାରତରେ ଏହି ପରି ଆଉ କିଛି ବିଭିନ୍ନତା ପରିଲକ୍ଷିତ ହୁଏ କି ନାହିଁ ଆସ ସେ ବିଷୟରେ ଆମେ ଆଲୋଚନା କରିବା ।

(ଚ) **ଉପସ୍ଥାପନ**

ଏହି ପର୍ଯ୍ୟାୟରେ ଶିକ୍ଷକ ପିଲାମାନଙ୍କ ମଧ୍ୟରେ ଭାରତୀୟ ଉପମହାଦେଶର ବିଭିନ୍ନତା ମଧ୍ୟରେ ଏକତା ବୈଶିଷ୍ଟ୍ୟ ସଂକ୍ରାନ୍ତରେ ଆଲୋଚନା କରିବା ପାଇଁ ବିଭିନ୍ନ କୌଶଳ/ପନ୍ଥା ଆପଣେଇବେ । ସେହିସବୁ କୌଶଳ/ପନ୍ଥା ବତିଷୟରେ ପରବର୍ତ୍ତୀ ଦୁଇଟି ଭାଗ ( ଭାଗ-କ ଓ ଭାଗ-ଖ)ରେ ସବିଶେଷ ଆଲୋଚନା କରାଯାଇଛି ।

ଭାଗ-କ(ବିଭିନ୍ନତା ପ୍ରସଙ୍ଗରେ ଶିକ୍ଷଣ ସଂରଚନା)

ବାକ୍ସ-୨ ବିଭିନ୍ନତା ପ୍ରସଙ୍ଗ-୧









ଶିକ୍ଷକଙ୍କ କାର୍ଯ୍ୟ

ଏହି ଚାରିଟି ଦୃଶ୍ୟାବଳୀକୁ ଲକ୍ଷ୍ୟକର ଏବଂ ଏହି ଚାରିଟି ଦୃଶ୍ୟ କିପରି ପରସ୍ପର ଠାରୁ ଭିନ୍ନ କୁହ ।

ଭାରତରେ ବିଭିନ୍ନ ସମୟ ଓ ସ୍ଥାନରେ ଏହିସବୁ ଦୃଶ୍ୟ କିପରି ଭାବରେ ପରିଲକ୍ଷିତ ହୋଇଥାଏ ଉପଯୁକ୍ତ ବର୍ଣ୍ଣନା ସହ ଏକ ରଚନା ଲେଖ ।

ଶିକ୍ଷାର୍ଥୀଙ୍କ କାର୍ଯ୍ୟ (ଆଶା କରାଯିବ)

ଶିକ୍ଷାର୍ଥୀ ନିଜନିଜ ଅଭିଜ୍ଞତାରୁ ବିଭିନ୍ନତାକୁ ଠାବ କରିବେ ।



ଟିପ୍ପଣୀ

ଶିକ୍ଷାର୍ଥୀମାନେ ସେମାନଙ୍କ ଅଭିଜ୍ଞତା ଅନୁସାରେ ରଚନା ଲେଖିବେ ।

ଶିକ୍ଷାର୍ଥୀମାନେ ଲେଖିଥିବା ରଚନା ବିଷୟରେ ଶିକ୍ଷକ ଆଲୋଚନା କରିବେ ଏବଂ ଭାରତୀୟମାନେ ସେମାନଙ୍କ ଜୀବନଚଳଣୀରେ କିପରି ଭାବରେ ବିଭିନ୍ନତାକୁ ସାମ୍ନା କରିଥାନ୍ତି ଶିକ୍ଷକ ଶିକ୍ଷାର୍ଥୀଙ୍କ ସହ ସବିଶେଷ ଆଲୋଚନା କରିବେ ।

ବାକ୍ସ-୩: ବିଭିନ୍ନତା ପ୍ରସଙ୍ଗ-୨













**ଶିକ୍ଷକଙ୍କ କ୍ରିୟାକଳାପ**

ବାକ୍ସ-୩ରେ କେତେକ ଛବି ଦିଆଯାଇଛି । ସମସ୍ତ ଛବିରୁ କେତେକ ଗ୍ରାମାଞ୍ଚଳ ସହ ଆଉ କେତେକ ସହରାଞ୍ଚଳ ସହ ସମ୍ବନ୍ଧିତ ।

ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସହ ସେମାନଙ୍କ ସମ୍ବନ୍ଧକୁ ଦୃଷ୍ଟିରେ ରଖି ସେଗୁଡ଼ିକ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

ଭାରତର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଆଉ କିଛି ପାର୍ଥକ୍ୟ ତୁମେ ଦେଖିପାରୁଛ କି ?

**ଶିକ୍ଷାର୍ଥୀଙ୍କ କାର୍ଯ୍ୟ** (ଆଶା କରାଯାଉଥିବା)

ଛବିଗୁଡ଼ିକୁ ଦେଖି ଶିକ୍ଷାର୍ଥୀମାନେ ପାର୍ଥକ୍ୟ ଦର୍ଶାଇବେ ।

ଶିକ୍ଷାର୍ଥୀମାନେ ଅନ୍ୟାନ୍ୟ ପାର୍ଥକ୍ୟଗୁଡ଼ିକୁ ମଧ୍ୟ ଖୋଜି ବାହାର କରିବେ ।

ସୃଜନାତ୍ମକ ଶିକ୍ଷଣ କ୍ରିୟା ପ୍ରତିକ୍ରିୟା (ଉପର ଦୁଇଟି ବିଭିନ୍ନତା ପ୍ରସଙ୍ଗ ସହିତ)

ଶିକ୍ଷାର୍ଥୀମାନେ ବିଭିନ୍ନତା ପ୍ରସଙ୍ଗ(ଉପରଲିଖିତ ଦୁଇଟି ବିଭିନ୍ନତା ପ୍ରସଙ୍ଗରେ ସେମାନେ ଯାହା ଅନୁଭବ କରିଥିବେ)ରେ ସେମାନଙ୍କ ଶିକ୍ଷଣ ନିମ୍ନ ମତେ ସଂରଚନା କରିବେ ।

**ଶିକ୍ଷକଙ୍କ କାର୍ଯ୍ୟ:**

ତୁମେ ଭାରତରେ ଆଉ କେଉଁପ୍ରକାର ବିଭିନ୍ନତା ଲକ୍ଷ୍ୟ କର ? ସେହି ପାର୍ଥକ୍ୟଗୁଡିକର ଏକ ତାଲିକା କର ?

ଆମ ଦେଶରେ ପ୍ରଚଳିତ ବିଭିନ୍ନ ଜାତିପ୍ରଥା କ'ଣ ?

ଜାତିପ୍ରଥା ଏକ ବରଦାନ ନା ଅଭିଶାପ-ତୁମ ମତାମତ ଦିଅ ?

ଟିପ୍ପଣୀ

ଅଧିକାଂଶ ସମୟରେ ଆମେ ଭାରତୀୟ ଲୋକଙ୍କ ମଧ୍ୟରେ ଗୋଷ୍ଠୀଗତ, ଭାଷାଗତ ଏବଂ ଆଞ୍ଚଳିକ ସଂଘର୍ଷ ଦେଖୁ ।

ସେହି ପ୍ରକାର ସଂଘର୍ଷ (ଲଢ଼େଇ) କ'ଣ ପାଇଁ ଆମ ଦେଶରେ ହେଉଛି ଏବଂ ଏହିସବୁ ବିବାଦର ଖରାପ ପ୍ରଭାବଗୁଡ଼ିକ କ'ଣ ?

ଭାରତ ଏକ ବିଶାଳ ଏବଂ ବିବିଧ ରାଷ୍ଟ୍ର । ତୁମ ଦୃଷ୍ଟିରେ ଭାରତୀୟ ବିବିଧତା ଲୋକଙ୍କ ପାଇଁ ଅଭିଶାପ ନା ଆଶୀର୍ବାଦ ?

**ଶିକ୍ଷାର୍ଥୀଙ୍କ କାର୍ଯ୍ୟ: (ଆଶା କରାଯାଉଥିବା)**

ଶିକ୍ଷାର୍ଥୀମାନେ ଜାତି, ଶ୍ରେଣୀ, ଅଞ୍ଚଳ, ଭାଷା, ସଂସ୍କୃତି, ଖାଦ୍ୟାଭ୍ୟାସ, ପୋଷାକ, ଉତ୍ସବ, ପ୍ରାଣୀ ଓ ପକ୍ଷୀ ଇତ୍ୟାଦିଙ୍କ ପାର୍ଥକ୍ୟ ବିଷୟରେ କହିବେ ।

ପ୍ରତ୍ୟେକ ଶିକ୍ଷାର୍ଥୀ ଏହାକୁ ଗଭୀର ଭାବେ ତର୍ଜମା କରିବେ ଓ ଉତ୍ତର ଦେବେ ।

ଶିକ୍ଷାର୍ଥୀମାନେ ଏହିସବୁ ସଂଘର୍ଷର କାରଣ ଓ ପ୍ରଭାବ ତର୍ଜମା କରିବେ ଏବଂ ସହପାଠୀଙ୍କ ମଧ୍ୟରେ ବିନିମୟ କରିବେ ।

ଶିକ୍ଷାର୍ଥୀମାନେ ପ୍ରସଙ୍ଗଗୁଡ଼ିକ ସମ୍ବନ୍ଧରେ ତର୍କବିତର୍କ କରିବେ ଏବଂ ଶ୍ରେଣୀକକ୍ଷରେ ସେମାନଙ୍କ ମତାମତ ଉପସ୍ଥାପନ କରିବେ ।

ଭାଗ (ଖ) (ଏକତା ପ୍ରସଙ୍ଗରେ ରଚନାତ୍ମକ/ଶିକ୍ଷଣ ସଂରଚନା କରିବା

ଏକତା ପ୍ରସଙ୍ଗ-୧




**ଶିକ୍ଷକଙ୍କ କାର୍ଯ୍ୟ**

ଏହି ଛବିକୁ ଦେଖ । ଏହି ଛବିରେ ତୁମେ କ'ଣ ଦେଖୁଛ ? ଛବିଟି ଦେଖିବାକୁ କେତେ ସୁନ୍ଦର ଲାଗୁଛି ? ଏହି ଛବିରୁ ତୁମେ ଭାରତର କୌଣସି ଏକତାର ବୈଶିଷ୍ଟ୍ୟ ଦେଖିପାରୁଛ କି ?

**ଶିକ୍ଷାର୍ଥୀଙ୍କ କାର୍ଯ୍ୟ** (ଆଶାକରାଯାଉଥିବା)

ବିଭିନ୍ନତା ସତ୍ତ୍ୱେ ଭାରତ କେତେଦୂର ଏକତାକୁ ବଜାୟ ରଖିଛି ଶିକ୍ଷାର୍ଥୀମାନେ ତାହାର ଯଥାର୍ଥତା ପ୍ରତିପାଦନ କରିବେ ।

ବାକ୍ସ-୪ : ଏକତା ପ୍ରସଙ୍ଗ-୨










ଟିପ୍ପଣୀ

**ଶିକ୍ଷକଙ୍କ କାର୍ଯ୍ୟ**

ବାକ୍ସ ୪ରେ ଦିଆଯାଇଥିବା ଛବିଗୁଡ଼ିକୁ ଦେଖ । ଭାରତ ତାହାର ବିଭିନ୍ନତାରୁ ସାଂସ୍କୃତିକ ଏକତା ବଜାୟ ରଖିଥିବା ତୁମେ ଅନୁଭବ କରିପାରୁଛ କି ?

ଉପର ଛବିଗୁଡ଼ିକରୁ ବିଭିନ୍ନତା ମଧ୍ୟରେ ଭାରତ କିପରି ସାଂସ୍କୃତିକ ଏକତା ବଜାୟ ରଖିପାରିଛି ଲିପିବଦ୍ଧ କର ।

**ଶିକ୍ଷାର୍ଥୀଙ୍କ କାର୍ଯ୍ୟ**

ହଁ

ଭାରତ କିପରି ସାଂସ୍କୃତିକ ଏକତା ବଜାୟ ରଖିଛି ଶିକ୍ଷାର୍ଥୀମାନେ ପ୍ରତିପାଦନ କରିବେ ।

ରଚନାତ୍ମକ ଶିକ୍ଷଣ କ୍ରିୟାପ୍ରତିକ୍ରିୟା

(ଉପର ଦୁଇଟି ଏକତା ପ୍ରସଙ୍ଗ ସମ୍ବନ୍ଧିତ)

ଶିକ୍ଷାର୍ଥୀମାନେ ଉପର ଦୁଇଟି ଏକତା ପ୍ରସଙ୍ଗ ସମ୍ବନ୍ଧିତ ବିଭିନ୍ନତାରୁ ଭାରତରେ ବଜାୟ ଥିବା ଏକତା ବିଷୟରେ ସେମାନଙ୍କ ଶିକ୍ଷଣ ସଂରଚନା କରିବେ ।

**ଶିକ୍ଷକଙ୍କ କାର୍ଯ୍ୟ**

ଶିକ୍ଷକ ଏକ ଦଶଟଙ୍କିଆ ନୋଟ୍ ଦେଖାଇବେ ଏବଂ ଏଥିରେ କିପରି ବିଭିନ୍ନତା ମଧ୍ୟରେ ଏକତାର ବୈଶିଷ୍ଟ୍ୟ ଚିତ୍ରଣ ହୋଇଛି ବର୍ଣ୍ଣନା କରିବେ ।

ବିଶ୍ୱ ଭାରତର ଭାଷାଗତ, ଧର୍ମୀୟ ଓ ସାଂସ୍କୃତିକ ଏକତାକୁ ସ୍ୱୀକାର କରେ । ଏସମ୍ପର୍କରେ ଟିପ୍ପଣୀ ଦିଅ ।

ତୁମେ ଭାରତୀୟ ମହାନଗରନିଗମ ଗୁଡ଼ିକୁ କିପରି ଭାବରେ ବିଭିନ୍ନତା ମଧ୍ୟରେ ଏକତାର ଏକ ପ୍ରତୀକ ଭାବେ ଦେଖ ?

ଭାରତରେ ବିଭିନ୍ନତା ମଧ୍ୟରେ ଏକତାକୁ ପ୍ରତିଫଳିତ କରୁଥିବା ସଂଗୀତ, ଶପଥଗୁଡ଼ିକର ତାଲିକା ପ୍ରସ୍ତୁତ କର ।

**ଶିକ୍ଷାର୍ଥୀଙ୍କ କାର୍ଯ୍ୟ**

ଶିକ୍ଷାର୍ଥୀମାନେ ନୋଟ୍ (ଟଙ୍କା)କୁ ଦେଖିବେ ଏବଂ ସେହି ଟଙ୍କାରେ ବିଭିନ୍ନତା ମଧ୍ୟରେ ଏକତାର ବୈଶିଷ୍ଟ୍ୟକୁ ବାହାର କରିବେ ।

ସେମାନଙ୍କ ଅଭିଜ୍ଞତା ଆଧାରରେ ଶିକ୍ଷାର୍ଥୀମାନେ ଟିପ୍ପଣୀ କରିବେ ।

ଶିକ୍ଷାର୍ଥୀମାନେ ମହାନଗରଗୁଡ଼ିକରେ ଏକତାର ବୈଶିଷ୍ଟ୍ୟ ଠାବ କରିବେ ।

ଶିକ୍ଷାର୍ଥୀମାନେ ଭାରତରେ ବିଭିନ୍ନତା ମଧ୍ୟରେ ଏକତାକୁ ପ୍ରତିଫଳନ କରୁଥିବା ସଂଗୀତ, ଶପଥ ଆଦିକୁ ସଂଗ୍ରହ କରି ପାରନ୍ତି । ଉଦାହରଣ ସ୍ୱରୂପ

ସାରେ ଜାହାଁ ସେ ଅଚ୍ଛା......

**(ଛ) ମୂଲ୍ୟାୟନ**

ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ତୁମ(ଶିକ୍ଷାର୍ଥୀ) ପାଇଁ ଉଦ୍ଦିଷ୍ଟ । ଏହିସବୁ କାର୍ଯ୍ୟକୁ ସମ୍ପୂର୍ଣ୍ଣ କର ।

୧- ତୁମ ରାଜ୍ୟରେ ପାଳିତ ହେଉଥିବା ତିନିଟି ପ୍ରମୁଖ ଉତ୍ସବର ତାଲିକା କର । ଏହି ତିନିଟି ଉତ୍ସବରେ ଅଂଶଗ୍ରହଣ କରୁଥିବା ଧର୍ମୀୟ ଓ ସାଂସ୍କୃତିକ ଗୋଷ୍ଠୀର ନାମ ଲେଖ ।

୨- ବ୍ରିଟିଶ ଶାସନାଧୀନ ଭାରତରେ ବିଭିନ୍ନ ବର୍ଗର ଲୋକେ ଏକତାର ବୈଶିଷ୍ଟ୍ୟ ପ୍ରଦର୍ଶନ ପୂର୍ବକ ଭାରତକୁ ବ୍ରିଟିଶ ହାତରୁ ମୁକ୍ତ କରିଥିଲେ । ଏ ସମ୍ପର୍କରେ ତୁମେ ତୁମ ମତାମତ ଦିଅ ।

୩- ନିମ୍ନଲିଖିତ ବିଷୟକୁ ନେଇ ପ୍ରକଳ୍ପ ପ୍ରସ୍ତୁତ କର:

ଟିପ୍ପଣୀ

*'ତୁମ ଗାଁ/ସ୍ଥାନୀୟ ଅଞ୍ଚଳକୁ ଯାଅ । ସେଠାରେ ବସବାସ କରୁଥିବା ବିଭିନ୍ନ ସଂସ୍କୃତି, ଜାତି ଓ ଧର୍ମର ଲୋକଙ୍କୁ ଠାବ କର । ସେମାନଙ୍କ ମଧ୍ୟରେ ରହିଥିବା ବିଭିନ୍ନତାକୁ ଚିହ୍ନଟ କର ଏବଂ ସେମାନଙ୍କ ମଧ୍ୟରେ ଏକତା ରକ୍ଷା ପାଇଁ କେତେକ ପନ୍ଥାର ପ୍ରସ୍ତାବ ଦିଅ ।'*

*୪- କ ସ୍ତମ୍ଭରେ ଚାରି ଜଣ ଜାତୀୟ ନେତାଙ୍କ ନାମ ଦିଆଯାଇଛି । ଖ-ସ୍ତମ୍ଭରେ ସେମାନଙ୍କ ଜନ୍ମସ୍ଥାନ ରହିଛି । କ-ସ୍ତମ୍ଭରେ ଥିବା ନେତାଙ୍କ ନାମ ଏବଂ ଖ-ସ୍ତମ୍ଭରେ ଥିବା ତାଙ୍କ ଜନ୍ମସ୍ଥାନକୁ ତୀର ଚିହ୍ନ ଜରିଆରେ ମିଳାଅ ।*

| କ-ସ୍ତମ୍ଭ | ଖ-ସ୍ତମ୍ଭ |
|---|---|
| ସୁଭାଷ ବୋଷ | ଉତ୍ତର ପ୍ରଦେଶ |
| ଜବାହାରଲାଲ ନେହରୁ | ଓଡ଼ିଶା |
| ମହାତ୍ମା ଗାନ୍ଧି | ଗୁଜରାଟ |
| ବାଲ୍ ଗଙ୍ଗାଧର ତିଳକ | ମହାରାଷ୍ଟ୍ର |
| ଆସାମ୍ | କର୍ଣ୍ଣାଟକ |

୫- ଚାରି ନମ୍ବର ପ୍ରଶ୍ନରେ ଚାରି ଜଣ ଜାତୀୟ ନେତାଙ୍କ ନାମ ଦିଆଯାଇଛି । ଦେଶର ଏକତା ପାଇଁ ସେମାନେ କିପରି ଭାବରେ ଆତ୍ମ ବଳିଦାନ  ଦେଇଛନ୍ତି ବର୍ଣ୍ଣନା କର ।

**ନିଜ ଅଗ୍ରଗତି ଆକଳନ -୪**

ପ୍ରଶ୍ନ: ଭାରତରେ ଦୃଷ୍ଟି ଗୋଚର ହେଉଥିବା ବିଭିନ୍ନ ପ୍ରକାର ବିଭିନ୍ନତାଗୁଡ଼ିକ କ'ଣ ?

------------------------------------------------------------------------------------------
------------------------------------------------------------------------------------------
------------------------------------------------------------------------------------------
------------------------------------------------------------------------------------------
------------------------------------------------------------------------------------------
------------------------------------------------------------------------------------------
----------------------------------------------------------------------------------------

## ୫.୬. ସାରାଂଶ

ଏହି ଏକକରେ 'ସାମାଜିକ ଓ ରାଜନୈତିକ ଜୀବନ'କୁ ରାଜନୀତି ବିଜ୍ଞାନ/ଅର୍ଥନୀତି/ସମାଜବିଜ୍ଞାନର ଏକ ସମନ୍ୱିତ ଅଂଶ ଭାବରେ ଅଲୋଚନା କରାଯାଇଛି । ଏହି ଏକକଟି ମୁଖ୍ୟତଃ ତିନିଟି ବିନ୍ଦୁ ଯଥା-ପ୍ରାରମ୍ଭିକ ସ୍ତରରେ ସାମାଜିକ ବିଜ୍ଞାନରେ 'ସାମାଜିକ ଓ ରାଜନୈତିକ ଜୀବନ'ର ବିଷୟବସ୍ତୁ, ରାଜନୀତି ବିଜ୍ଞାନ, ଅର୍ଥନୀତି ଓ ସମାଜ ବିଜ୍ଞାନରେ ସମାଜବିଜ୍ଞାନୀମାନେ ଗ୍ରହଣ କରିଥିବା ପଦ୍ଧତି/ପନ୍ଥା; ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ 'ସାମାଜିକ ଓ ରାଜନୈତିକ ଜୀବନ'ର ଗୁରୁତ୍ୱ ବିଷୟରେ ଆଲୋକପାତ କରିଛି । ଏକକର ଶେଷ ଭାଗରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ 'ସାମାଜିକ ଓ ରାଜନୈତିକ ଜୀବନ'ର ଆଭିମୁଖ୍ୟ ସମ୍ବନ୍ଧିତ ଏକ ପାଠ୍ୟ ଯୋଜନା ମଧ୍ୟ ଉପସ୍ଥାପନ କରାଯାଇଛି ।

## ୫.୭ ଶବ୍ଦାବଳୀ/ସଂକ୍ଷିପ୍ତ ରୂପ

ସାମାଜିକ ଓ ରାଜନୈତିକ ଜୀବନ (ଏସ୍‌ପିଏଲ୍): 'ସାମାଜିକ ଓ ରାଜନୈତିକ ଜୀବନ' ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଙ୍ଗ/ଅଂଶ । ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଅନ୍ୟ ଅଂଶ/ଅଙ୍ଗଗୁଡ଼ିକ ହେଲା ଇତିହାସ ଓ ଭୂଗୋଳ ।

ରାଜ୍: ଏଠାରେ ରାଜ୍ ଅର୍ଥ ବ୍ରିଟିଶ ରାଜ୍ ବା ଶାସନ

ନଗରବିଜ୍ଞାନ: ପୂର୍ବରୁ ନଗରବିଜ୍ଞାନ ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଏକ ବିଷୟ ଥିଲା । ସାମ୍ପ୍ରତିକ

ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରର ପାଠ୍ୟକ୍ରମରେ ନଗର ବିଜ୍ଞାନ ବଦଳରେ 'ସାମାଜିକ ଓ ରାଜନୈତିକ ଜୀବନ' ସ୍ଥାନିତ ହୋଇଛି ।

## ୫.୮ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

**ନିଜ ଅଗ୍ରଗତି ଆକଳନ -୧ :**

'ରାଜନୀତି ବିଜ୍ଞାନ, ଅର୍ଥନୀତି ଓ ସମାଜବିଜ୍ଞାନରୁ ସାମାଜିକ ଓ ରାଜନୈତିକ ଜୀବନର ଅଧିକାଂଶ ଶିକ୍ଷଣ ଅଭିଜ୍ଞତା ଆନୀତ । ରାଜନୀତି ବିଜ୍ଞାନ ପିଲାକୁ ଗାଣତନ୍ତ୍ରିକ ପ୍ରକ୍ରିୟା ଓ ଭାଗିଦାରୀ ବିଷୟରେ ପରିଚିତ କରାଏ । ଅର୍ଥନୀତି ପିଲାମାନଙ୍କୁ ଅର୍ଥନୈତିକ କାର୍ଯ୍ୟକ୍ରମ ଯଥା-ଉତ୍ପାଦନ, ବ୍ୟବହାର, ବିତରଣ ଓ ବିନିମୟ ଇତ୍ୟାଦି ସହ ପରିଚିତ ହେବାରେ ସକ୍ଷମ କରାଏ । ସମାଜବିଜ୍ଞାନ ପିଲାଙ୍କୁ ନାଗରିକ ସମାଜରୁ ଜାତି, ଶ୍ରେଣୀ ଓ ଓ ଧର୍ମ ଇତ୍ୟାଦିର ପ୍ରତିବନ୍ଧକ ଦୂର କରି ଜଣେ ପ୍ରମୁଖ ସଦସ୍ୟ ଭାବରେ ଗଢ଼ିତୋଳେ ।'

**ନିଜ ଅଗ୍ରଗତିର ଆକଳନ -୨ :**

'ରବିନ୍‌ସଙ୍କ ମତରେ ଅର୍ଥନୀତି ଏକ ବିଜ୍ଞାନ; ଯାହା ବିକଳ୍ପ ବ୍ୟବହାର ଥିବା ଚାହିଦା ଓ ନିଅଣ୍ଟିଆ ଯୋଗାଣ ମଧ୍ୟରେ ଏକ ସମ୍ପର୍କ ଭାବରେ ମାନବ ବ୍ୟବହାରର ଅଧ୍ୟୟନ କରେ । ରବିନ୍ସଙ୍କ ଅର୍ଥନୀତିକୁ ଅଧ୍ୟୟନ କରିବାକୁ ସ୍ୱଳ୍ପତା ଓ ଚୟନ ପଦ୍ଧତିର ସ୍ୱତନ୍ତ୍ର ବୈଶିଷ୍ଟ୍ୟଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା:-

୧-ମାନବର ଇଚ୍ଛା ଅସୀମିତ

୨-ଚାହିଦା ଅନୁସାରେ ସମ୍ବଳ ସୀମିତ /ନିଅଣ୍ଟ

୩-ସମ୍ବଳର ବିଭିନ୍ନ ବିକଳ୍ପ ବିନିଯୋଗ ରହିଛି

୪- ସେବା ଓ ସାମଗ୍ରୀ ମଙ୍ଗଳ କରିବା ବା ନକରିବା ଅର୍ଥନୀତିର ଦାୟିତ୍ୱ ନୁହେଁ । ଅର୍ଥନୀତି ସେସବୁ( ସାମଗ୍ରୀ ଓ ସେବା)କୁ ଅଧ୍ୟୟନ କରେ ଯଦି ସେମାନେ ମାନବ ଇଚ୍ଛାକୁ ପୂରଣ କରୁଥାନ୍ତି ।

୫- ବିଭିନ୍ନ ଇଚ୍ଛା ପୂରଣ ପାଇଁ ସମାଜରେ ଉପଲବ୍ଧ ସମ୍ବଳ କିପରି ଭାବରେ ଆବଣ୍ଟିତ ହୋଇଥାଏ ତାହା ଅର୍ଥନୀତିର ପରିସରଭୁକ୍ତ ।

**ନିଜ ଅଗ୍ରଗତି ଆକଳନ -୩:**

'ସାମାଜିକ ବିଜ୍ଞାନ ପାଠ୍ୟକ୍ରମର 'ସାମାଜିକ ଓ ରାଜନୈତିକ ଜୀବନ' ଦିଗ ସମ୍ପର୍କିତ ଶିକ୍ଷଣ ବିଶେଷକରି ଭାବବିନିମୟ ଓ ପରୀକ୍ଷଣାତ୍ମକ ଶୈକ୍ଷିକ ସ୍ଥିତି ଆବଶ୍ୟକ କରେ । ଶିକ୍ଷଣ ଶିକ୍ଷାର୍ଥୀଙ୍କ ବାସ୍ତବ ଜୀବନ ସହ ନିଶ୍ଚିତ ଭାବରେ ସମ୍ବନ୍ଧିତ ହେବା ଉଚିତ । ଶିକ୍ଷାର୍ଥୀଙ୍କ ସାଂସ୍କୃତିକ ଓ ସାମାଜିକ ବିଷୟକୁ ପୂରା ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ । ଏହି କ୍ଷେତ୍ରର ଶିକ୍ଷଣ ପାଇଁ ଆବଶ୍ୟକ ଶିକ୍ଷାତତ୍ତ୍ୱ ଶିକ୍ଷାର୍ଥୀଙ୍କ ସୃଜନଶୀଳତା, ଉତ୍ତମ ବୁଝିବା ଶକ୍ତି ଏବଂ ସମସ୍ୟା ସମାଧାନର ଯଥାଯଥ କ୍ଷମତାକୁ ସୁଗମ କରିବା ଆବଶ୍ୟକ । ଏହି ବିଷୟର ଶିକ୍ଷାଦାନ ଶିକ୍ଷଣ ତତ୍ତ୍ୱ ଖେଳ, ମନୋରଞ୍ଜନ ଜରିଆରେ ଶିକ୍ଷଣ ଏବଂ କାର୍ଯ୍ୟ ସମ୍ପାଦନ ଜରିଆରେ ଶିକ୍ଷଣକୁ ଅନୁସରଣ କରିବା ଉଚିତ ।'

**ନିଜ ଅଗ୍ରଗତି ଆକଳନ -୪ :**

'ଭାରତରେ ବିଭିନ୍ନ ପ୍ରକାରର ବିବିଧତା ପରିଲକ୍ଷିତ ହୁଏ । ସେହିସବୁ ବିଭିନ୍ନତା ଜାତି, ଶ୍ରେଣୀ, ଧର୍ମ, ଭାଷା, ସଂସ୍କୃତି, ଖାଦ୍ୟାଭ୍ୟାସ, ପୋଷାକ, ଉତ୍ସବ, ପ୍ରାଣୀ ଏବଂ ପକ୍ଷୀ, ଗ୍ରାମାଞ୍ଚଳ ସହରାଞ୍ଚଳ ବିଷୟ, ଜଳବାୟୁ ସ୍ଥିତି ଇତ୍ୟାଦି ସମ୍ବନ୍ଧିତ ହୋଇପାରେ ।'

## ୫.୯ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- Ahuja, H.L. (2004). *Principles of Micro economics.* New Delhi : S. Chand and Company Ltd.
- Arora, N.D., & Awasthy, S.S. (1999). *Political Theory.* New Delhi: Har-Anand Publication Pvt. Ltd.

ଟିପ୍ପଣୀ


- Barker, E. (1967). *Principles of Social and Political Theory.* Oxford : Oxford University Press.
- Basantia, T.K. (2003). Effect of Activity Based Joyful Learning Approach in Achieving Interdisciplinary MLL Competencies through Teaching of Environmental Studies at Primary Level. M. Phil. Education . Utkal University.
- Basantia, T.K. (2006). Effect of Multi- Dimensional Activity based Integrated Approach in Enhancing Cognitive and Creative Abilities in Social Studies of Elementary School Children. Ph.D. Education. Utkal University.
- Basantia, T.K., & Panda, B. N. (2008). Multi- Dimensional Activity based integrated Approach : An innovative teaching learning strategy at the school stage. *The Primary Teacher, 33(1-2).*
- Mishra, S. & Basantia, T.K. (2003). Effect of Competency based evaluation on Students' attainment at primary level. *The Primary Teacher, 28 (2), 20-26*.
- NCERT. (2000). *National Curriculum Framework for School Education*. New Delhi: NCERT
- NCERT. (2005). *National Curriculum Frame Work-2005*. New Delhi: NCERT.
- NCERT. (2006). Position Paper –National Focus Group on Teaching of Social Science. New Delhi: NCERT.
- NCERT. (2006). *Social Science (Social and Political Life -1)*. New Delhi: NCERT
- NCERT. (2007). *Social Science (Social and Political Life –II)*. New Delhi:NCERT
- Shankar Rao, C.N. (1995). *Sociology.* New Delhi: S. Chand and Company Ltd.
- Traill, R.D., Logan, L.M., & Remmington, G.T. (1968).*Teaching the Social Sciences: A Creative Direction*. Sidney : McGraw-Hill Company.


## ୫.୧୦. ପାଠାନ୍ତ ପ୍ରଶ୍ନାବଳୀ

୧-ତୁମେ ତୁମ ଦୈନନ୍ଦିନ ଜୀବନରେ ନିଭାଇଥିବା ସାମାଜିକ ଅର୍ଥନୈତିକ ସମସ୍ୟାଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର; ଯାହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରର ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ସାମାଜିକ ଓ ରାଜନୈତିକ ଜୀବନ (ଏସ୍‌ପିଏଲ୍) ଉପାଦାନଗୁଡିକରେ ସାମିଲ କରାଯିବାକୁ ପ୍ରାସଙ୍ଗିକତା ରହିଥିବ ।

୨-ନିମ୍ନଲିଖିତ ବିଷୟରେ ଏକ ପ୍ରକଳ୍ପ ପ୍ରସ୍ତୁତ କର-

ତୁମ ଗାଁ/ପୌରାଞ୍ଚଳକୁ ଯାଅ । ସେଠାରେ ଦାରିଦ୍ର୍ୟର ସୀମାରେଖା ତଳେ କେତେ ସଂଖ୍ୟକ ପରିବାର ରହୁଛନ୍ତି ଚିହ୍ନଟ କର । ସେମାନଙ୍କ ସାମାଜିକ ଜୀବନ ଓ ଜୀବନ ଶୈଳୀକୁ ଅନୁଧ୍ୟାନ କର । ସେମାନଙ୍କର ଉନ୍ନତି ପାଇଁ ପ୍ରତିକାର ବ୍ୟବସ୍ଥାର ପ୍ରସ୍ତାବ ଦିଅ ।

'ଭାରତରେ ଲିଙ୍ଗଗତ ବିଭେଦତା' ପ୍ରସଙ୍ଗରେ ଷଷ୍ଠ ଶ୍ରେଣୀରେ ଶିକ୍ଷାଦାନ ଶିକ୍ଷଣ ପାଇଁ ଏକ ପାଠ୍ୟ ଯୋଜନା ପ୍ରସ୍ତୁତ କର ।